ଇନ୍ଦ୍ରିୟ ସୁଖ ପାଇଁ ମଣିଷ ସର୍ବଦା ଆତୁର ହୁଏ। ସେଥିପାଇଁ ତାକୁ ଦୁଃଖ ଓ ଯନ୍ତ୍ରଣାର ବୁଆଳି କାନ୍ଧରେ ବହନ କରିବାକୁ ପଡେ। କାରଣ, ଅବିମିଶ୍ର ଆନନ୍ଦ ଭୋଗ କରନ୍ତି କେବଳ ଯେଉଁମାନେ ମୁକ୍ତ ଓ ନିଷ୍କାମ ଆତ୍ମା। କିନ୍ତୁ ମଣିଷ ଭିତରେ ଯେଉଁ ସତ୍ତା କେବଳ ଇନ୍ଦ୍ରିୟ ସୁଖ ଖୋଜୁଥାଏ- ତାହା ହେଲା ଏକ ଯନ୍ତ୍ରଣାଦଗ୍ଧ- କଷ୍ଟଭୋଗୀ ସତ୍ତା। **-ଶ୍ରୀଅରବିନ୍ଦ**

# ଧନୀ ଟିକସ

ଚଳିତ ବର୍ଷ ବ୍ରାଜିଲ ଜି୨୦ରେ ଅଧ୍ୟକ୍ଷତା କରିବା ସହ ନଭେମ୍ବର ୧୮-୧୯ ରିଓ ଦ ଜେନିରୋରେ ସମ୍ମିଳନୀ ଆୟୋଜନ କରୁଛି। ଏହା ପୂର୍ବରୁ ଜୁଲାଇ ୨୫ ଓ ୨୬ ତାରିଖରେ ରିଓରେ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକର ଅର୍ଥମନ୍ତ୍ରୀଙ୍କ ଦୁଇଦିନିଆ ବୈଠକ ଶେଷ ହୋଇଛି। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଜଳବାୟୁ ସଙ୍କଟର ମୁକାବିଲା କରିବା ପାଇଁ ଅତି ଧନୀ ବ୍ୟକ୍ତିବିଶେଷମାନେ ସେମାନଙ୍କ ସମ୍ପତ୍ତିର ଅତିକମ୍‌ରେ ୨% ଟିକସ ଆକାରରେ ଦେବା ଲାଗି ପ୍ରସ୍ତାବ ଅଣାଯାଇଥିଲା। ଏହା ଉପରେ ସହମତି ପ୍ରକାଶ ପାଇଥିଲେ ମଧ୍ୟ କୌଣସି ଚୁକ୍ତିନାମା ହୋଇପାରିନାହିଁ। ଏହାକୁ ଆମେରିକା ଓ ଜର୍ମାନୀ ବିରୋଧ କରିଥିଲେ। ଫ୍ରାନ୍ସ ଅର୍ଥନୀତିଜ୍ଞ ଗାବ୍ରିଏଲ ଜୁକମ୍ୟାନଙ୍କ ରିପୋର୍ଟ ମୁତାବକ ବିଶ୍ୱରେ ୩୦୦୦ ଅତି ଧନୀ ବ୍ୟକ୍ତିବିଶେଷ ଏବେ ମାତ୍ର ୦.୨% ଟିକସ ଦେଉଛନ୍ତି। ଯଦି ୨% ଟିକସ ଆଦାୟ ହୁଏ ତେବେ ୨୦୦-୨୫୦ ବିଲିୟନ ଡଲାର ସଂଗୃହୀତ ହୋଇପାରିବ। ରିଓ ବୈଠକର ଟିକସ ପ୍ରସ୍ତାବକୁ କେନ୍ଦ୍ରକରି ଭାରତରେ ମଧ୍ୟ ପ୍ରତିକ୍ରିୟା ପ୍ରକାଶ ପାଇଛି। କଂଗ୍ରେସ ପଚାରିଛି ଧନୀଙ୍କର ସମ୍ପତ୍ତି ଟିକସ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଧାରଣା ଓ ମତାମତ କ'ଣ । ଜି୨୦ରେ ଭାରତ ଏହି କରକୁ ସମର୍ଥନ କରିବ ନା ବିରୋଧ କରିବ, ସେ ସମ୍ପର୍କରେ ଦେଶକୁ ପ୍ରଧାନମନ୍ତ୍ରୀ ଜଣାଇବା ଦରକାର ବୋଲି କଂଗ୍ରେସ ଦାବି କରିଛି। ବିଗତ କିଛି ବର୍ଷର ପରିସ୍ଥିତିକୁ ଦେଖିଲେ ଭାରତ ତାହାର ଆଭ୍ୟନ୍ତରୀଣ ଓ ବିଶ୍ୱ ସ୍ତରରେ ଯେଉଁ ପ୍ରକାର ଅର୍ଥନୀତିକୁ ସମର୍ଥନ କରୁଛି ସେ ସମ୍ପର୍କରେ ଆଜିର ସରକାର ଦେଶବାସୀଙ୍କୁ କୌଣସି ତଥ୍ୟ ଜଣାଉନାହାନ୍ତି। ଏହାଦ୍ୱାରା ଅନେକ ନୀତି ବିଭିନ୍ନ ସ୍ତରରେ କାର୍ଯ୍ୟକାରୀ ହେଉଛି, ଯାହାର ସିଧାସଳଖ ଅର୍ଥନୈତିକ ପ୍ରଭାବ ମଧ୍ୟବିତ୍ତ ଏବଂ ଗରିବ ଭାରତୀୟଙ୍କ ଦୈନନ୍ଦିନ ଜୀବନ ଉପରେ ପଡ଼ିଆସୁଛି । କିନ୍ତୁ ଏହା ସମ୍ପର୍କରେ ଆଲୋଚନା ଏବଂ ପର୍ଯ୍ୟାଲୋଚନା କରିବାର କୌଣସି ପରିସ୍ଥିତି ସୃଷ୍ଟି କରାଯାଉନାହିଁ। ଅର୍ଥାତ ଭାରତ ଭଳି ଏକ ବୃହତ ଦେଶର ଟିକସ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଲୁକ୍କାୟିତ ଏବଂ ଅନ୍ଧକାରରେ ରହିଯାଉଛି। ଅନେକ ଦେଶରେ ବ୍ୟକ୍ତିଗତ ଆୟକର ପରିମାଣକୁ ବ୍ୟାପକ ଭାବେ ହ୍ରାସ କରାଯାଉଥିବାବେଳେ ଭାରତରେ ତାହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ବହୁ ଦେଶରେ ୱାନ୍ ପଏଣ୍ଟ ଟ୍ୟାକ୍ସ ଅର୍ଥାତ ଗୋଟିଏ ସ୍ଥାନରେ କର ଦେବା ପରେ ସେହି ଦେଶର ନାଗରିକଙ୍କୁ ତାଙ୍କର ଅର୍ଜିତ ଅର୍ଥରୁ ବାରମ୍ବାର ଟିକସ ଦେବାକୁ ପଡ଼େନାହିଁ। ଉଦାହରଣ ସ୍ୱରୂପ, ଦରମା ଉପରେ ଲଗାଯାଉଥିବା ଟିଡିଏସ୍ ଏବଂ ଅନ୍ୟସବୁ ଟ୍ୟାକ୍ସ ଭରିସାରିବା ପରେ ସ୍କୁଟର କିମ୍ବା ମୋଟରସାଇକେଲ କିଣିବାକୁ ଇଚ୍ଛୁକ ନାଗରିକ ପୁନର୍ବାର ସେହି ଗାଡ଼ି କିଣିବା ପାଇଁ ଟିକସ ଦେବାକୁ ପଡ଼େନାହିଁ। ସେଥିପାଇଁ ଭାରତ ଟ୍ୟାକ୍ସ ବ୍ୟବସ୍ଥାକୁ ସବୁ ସରକାର ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ବିଭିନ୍ନ ଆଇନ ଏବଂ ପଦ୍ଧତି ମାଧ୍ୟମରେ ଘୋଡାଇ କରି ରଖିଛନ୍ତି।

ରିଓ ବୈଠକର ଟିକସ ପ୍ରସ୍ତାବକୁ ଜର୍ମାନୀ ଅର୍ଥମନ୍ତ୍ରୀ ଖ୍ରୀଷ୍ଟିଆନ ଲିଣ୍ଡନର ଅପ୍ରାସଙ୍ଗିକ କହିଛନ୍ତି। ଆମେରିକା ଟ୍ରେଜେରି ସେକ୍ରେଟାରି ଜାନେଟ ୟେଲେନ କହିଛନ୍ତି, ଏହି ଟିକସକୁ କାର୍ଯ୍ୟକାରୀ କରିବା କଷ୍ଟକର । ସବୁ ଦେଶକୁ ନିଜ ଦେଶର କୋଟିପତିଙ୍କ ଉପରେ ଟିକସ ଲଗାଇବାକୁ ପଡ଼ିବ। ଏହା ବିଶେଷକରି ସେହିସବୁ ଦେଶ ପାଇଁ ଉଦ୍ଦିଷ୍ଟ, ଯେଉଁଠାରେ ୦.୨% ଟିକସ ଆଦାୟ କରାଯାଉଛି। ଏଥିରେ ଅନ୍ୟତମ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା ଓ ଜର୍ମାନୀ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ବିଶ୍ୱତାପନ ବୃଦ୍ଧିକୁ ମୁକାବିଲା କରିବା ପାଇଁ ଧନୀ ଦେଶଗୁଡ଼ିକ ୧୦୦ ବିଲିୟନ ଡଲାରର ଜଳବାୟୁ ପାଣ୍ଠି ସୃଷ୍ଟି କରିବାକୁ କପ୍ ୧୫ ସମ୍ମିଳନୀରେ କୁହାଯାଇଥିଲା। ସେହି ଉଦ୍ୟମ ଫସର ଫାଟିଲା। ଫଳସ୍ୱରୂପ ବ୍ରାଜିଲର ବାମପନ୍ଥୀ ଲୁଇସ ଲୁଲା ସରକାର ଧନୀ ବ୍ୟକ୍ତିବିଶେଷଙ୍କ ଉପରେ ଏକ ଟିକସ ବସାଇବାର ପ୍ରସ୍ତାବ ଆଣିଛନ୍ତି। ପୂର୍ବଭଳି ଏହି ପ୍ରସ୍ତାବ ମଧ୍ୟ ବିଫଳ ହେବା ଏକପ୍ରକାର ସୁନିଶ୍ଚିତ। କାରଣ କୌଣସି ଦେଶ କିମ୍ବା ଜି ୨୦ ଭଳି ସଂଗଠନ ଏହାକୁ କାର୍ଯ୍ୟ କରାଇବାରେ ସକ୍ଷମ ନୁହନ୍ତି।

ଗୋଟିଏ ପଟେ ବୃହତ୍ କମ୍ପାନୀଗୁଡ଼ିକ ପରିବେଶ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦ କରିଦେଇଛନ୍ତି, ଅନ୍ୟ ପଟେ ବିଶ୍ୱର ଜନସାଧାରଣ ପରିବେଶରେ ଘଟୁଥିବା କ୍ଷତିକୁ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିପାରିବେ ନାହିଁ। ଯାହା କରିବେ ତାହା ସମୁଦ୍ରକୁ ଶଙ୍ଖେ। ଶେଷରେ କହିବାକୁ ଗଲେ ଏହି ଧନୀ ଟିକସ ଯଦି ଆସନ୍ତା ନଭେମ୍ବରର ଜି୨୦ ସମ୍ମିଳନୀରେ ମୁଖ୍ୟ ବିଷୟ ହେବ, ତେବେ ସେହି ରିଓ ବୈଠକ ସମ୍ପୂର୍ଣ୍ଣ ଭାବେ ବିଫଳ ହେବ।

**ଗୋଟିଏ ପଟେ ବୃହତ୍ କମ୍ପାନୀଗୁଡ଼ିକ ପରିବେଶ ପ୍ରତି ସମ୍ପୂର୍ଣ୍ଣ ଭାବେ ଆଖି ବନ୍ଦ କରିଦେଇଛନ୍ତି, ଅନ୍ୟ ପଟେ ବିଶ୍ୱର ଜନସାଧାରଣ ପରିବେଶରେ ଘଟୁଥିବା କ୍ଷତିକୁ ବ୍ୟକ୍ତିଗତ ଭାବେ ପ୍ରଭାବିତ କରିପାରିବେ ନାହିଁ। ଯାହା କରିବେ ତାହା ସମୁଦ୍ରକୁ ଶଙ୍ଖେ। ଶେଷରେ କହିବାକୁ ଗଲେ ଏହି ଧନୀ ଟିକସ ଯଦି ଆସନ୍ତା ନଭେମ୍ବରର ଜି୨୦ ସମ୍ମିଳନୀରେ ମୁଖ୍ୟ ବିଷୟ ହେବ, ତେବେ ସେହି ରିଓ ବୈଠକ ସମ୍ପୂର୍ଣ୍ଣ ଭାବେ ବିଫଳ ହେବ।**

# ଓଡ଼ିଶାର ବିକାଶ ସ୍ୱପ୍ନ-୨୦୩୬



ଲଳିତ ମୋହନ ମିଶ୍ର

ଓଡ଼ିଶାରେ ୨୪ବର୍ଷର ବିଜେଡି ଶାସନର ଅବସାନ ଘଟି ପ୍ରଥମଥର ପାଇଁ ଭାଜପା ଶାସନ ଆରମ୍ଭ ହୋଇଛି। ନୂଆ ସରକାର ୨୦୨୪-୨୫ ବର୍ଷ ପାଇଁ ୨,୬୫,୦୦୦ କୋଟି ଟଙ୍କାର ପ୍ରଥମ ବଜେଟ ଉପସ୍ଥାପନ କରିଛନ୍ତି। ୨୦୩୬ରେ ଓଡ଼ିଶା ଏହାର ସ୍ୱତନ୍ତ୍ର ରାଜ୍ୟ ପ୍ରତିଷ୍ଠାର ୧୦୦ବର୍ଷ ଉତ୍ସବ ପାଳନ କରିବ। ଏଥିପାଇଁ ଏବର ସରକାର ୨୦୩୬ ବେଳକୁ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବାକୁ ସଂକଳ୍ପ ନେଇଛନ୍ତି। ବିକାଶର କେଉଁ କେଉଁ କ୍ଷେତ୍ରକୁ କେତେମାତ୍ରାରେ ପ୍ରାଧାନ୍ୟଦେଇ ଆଜିଠାରୁ କାର୍ଯ୍ୟ ଆରମ୍ଭ କଲେ ଓଡ଼ିଶା ୨୦୩୬ ବେଳକୁ ଦେଶର ଏକ ଆଗୁଆ ବିକଶିତ ରାଜ୍ୟ ହେବ ତାହା ଜାଣିବା ପାଇଁ ଆମକୁ ନୀତି ଆୟୋଗଙ୍କ ଦ୍ୱାରା ବାର୍ଷିକ ପ୍ରକାଶିତ 'ନିରନ୍ତର ବିକାଶ ଲକ୍ଷ୍ୟ – ୨୦୩୦' ରିପୋର୍ଟଗୁଡିକୁ ବିଚାରକୁ ନେବାକୁ ପଡିବ। ଏବେ ୨୦୨୩ -୨୪ ରିପୋର୍ଟ ପ୍ରକାଶିତ ହୋଇଛି। ସେ ବିଷୟକୁ ଯିବା ପୂର୍ବରୁ ନିରନ୍ତର ବିକାଶ ଲକ୍ଷ୍ୟ -୨୦୩୦ କ'ଣ ତାହା ଉପରେ ସମ୍ୟକ ଆଲୋକପାତ କରିବା।

ବିଶ୍ୱର ବିକାଶ କ୍ଷେତ୍ରରେ ଥିବା ଭିନ୍ନ ମତବାଦଗୁଡିକ ଦୂରକରି ଜାତିସଂଘ ବିଶ୍ୱର ସମସ୍ତ ଦେଶମାନଙ୍କ ପାଇଁ ଗୋଟିଏ ବିକାଶ ଲକ୍ଷ୍ୟ ସ୍ଥିର କରିଛନ୍ତି। ୨୦୩୦ ପର୍ଯ୍ୟନ୍ତ ଧାର୍ଯ୍ୟ ଏହି ବିକାଶ ଲକ୍ଷ୍ୟକୁ 'ନିରନ୍ତର ବିକାଶ ଲକ୍ଷ୍ୟ – ୨୦୩୦' କୁହାଯାଉଛି। ୨୦୩୦ପରେ ଆଉଥରେ ସବୁ ଦେଶ ଜାତିସଂଘରେ ଏକାଠି ହୋଇ ୨୦୪୫ ବା ୨୦୫୦ ପାଇଁ ବିଶ୍ୱର 'ନିରନ୍ତର ବିକାଶ ଲକ୍ଷ୍ୟ' ଧାର୍ଯ୍ୟ କରିବେ। ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦କୁ ଆଖିଆଗରେ ରଖି ସମସ୍ତ ଦେଶ ଓ ଦେଶମାନଙ୍କର ପ୍ରାଦେଶିକ ସରକାରମାନେ ସେମାନଙ୍କର ଦୀର୍ଘମିଆଦୀ ଓ ସ୍ୱଳ୍ପମିଆଦୀ ବିକାଶ ଲକ୍ଷ୍ୟ ସ୍ଥିର କରି ତାହାର ବାର୍ଷିକ ସମୀକ୍ଷା କରୁଛନ୍ତି। ଏଥିରେ ବିକାଶର ୧୬ଟି କ୍ଷେତ୍ରରେ ୨୦୩୦ ପର୍ଯ୍ୟନ୍ତ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି, ଯଥା ୧- ସମ୍ପୂର୍ଣ୍ଣ ଦାରିଦ୍ର୍ୟ ଦୂରୀକରଣ, ୨- ସମ୍ପୂର୍ଣ୍ଣ କ୍ଷୁଧା ଦୂରୀକରଣ, ୩-ଉତ୍ତମ ସ୍ୱାସ୍ଥ୍ୟ ଓ ନିରାମୟ, ୪- ଗୁଣାତ୍ମକ ଶିକ୍ଷା, ୫- ଲିଙ୍ଗଗତ ସମାନତା, ୬- ସ୍ୱଚ୍ଛ ପାନୀୟ ଜଳ ଓ ପରିମଳ, ୭- ସୁଲଭ ତଥା ପ୍ରଦୂଷଣବିହୀନ ଶକ୍ତି, ୮- ବିପଦ ମୁକ୍ତ କାମଧନ୍ଦା ଓ ଆର୍ଥିକ ଅଭିବୃଦ୍ଧି , ୯- ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି ବିକାଶ, ୧୦- ଅସମତା ହ୍ରାସ, ୧୧- ନିରନ୍ତର ବିକାଶମୁଖୀ ସହର ଓ ଗୋଷ୍ଠୀ, ୧୨- ଦାୟିତ୍ୱସମ୍ପନ୍ନ ଉତ୍ପାଦନ ଏବଂ ଖାଉଟି ବ୍ୟବସ୍ଥା,୧୩- ଜଳବାୟୁ ସୁରକ୍ଷା ପାଇଁ ପଦକ୍ଷେପ, ୧୪- ଜଳ ମଧ୍ୟରେ ଥିବା ଜୀବଜଗତର ସୁରକ୍ଷା, ୧୫- ଭୂପୃଷ୍ଠ ଜୀବଜଗତର ସୁରକ୍ଷା, ୧୬- ଶାନ୍ତି, ନ୍ୟାୟ ଓ ଦୃଢ଼ ଅନୁଷ୍ଠାନ ସୃଷ୍ଟି ଓ ବୃଦ୍ଧି।

ମିଳିତ ଜାତିସଂଘ ଏହି ୧୬ଟି କ୍ଷେତ୍ରରେ ବିଶ୍ୱର ବିଭିନ୍ନ ରାଷ୍ଟ୍ରମାନଙ୍କ ବିକାଶର ସମୀକ୍ଷା କରି ୨୦୨୪ରେ ଯେଉଁ ବିବରଣୀ ପ୍ରକାଶ କରିଛନ୍ତି ସେଥିରେ ବିଶ୍ୱର ଶ୍ରେଷ୍ଠ ବିକଶିତ ରାଜ୍ୟ ତାଲିକାରେ ଅଛି ଗ୍ରୀନ୍‌ଲାଣ୍ଡ। ଭାରତର ସ୍ଥାନ ଅଛି ବିଶ୍ୱରେ ୧୦୯, ଯଦିଓ ପୂର୍ବ ସ୍ଥିତିରୁ ଆମେ ଉପରକୁ ଉଠିଛୁ।



ଏବେ ଆସିବା ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ 'ନିରନ୍ତର ବିକାଶ ଲକ୍ଷ୍ୟ-୨୦୩୦' ହାସଲରେ ଦେଶର ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଞ୍ଚଳର ସ୍ଥିତି। ୨୦୨୩-୨୪ ରିପୋର୍ଟରେ ୧୦୦ରୁ ୭୯ ନମ୍ବର ରଖି ଦେଶର ଶ୍ରେଷ୍ଠ ବିକଶିତ ରାଜ୍ୟ ରୂପେ ପରିଗଣିତ ହୋଇଛନ୍ତି କେରଳ ଏବଂ ଉତ୍ତରାଖଣ୍ଡ। ଓଡ଼ିଶା ୧୬ଟି ବିକାଶ କ୍ଷେତ୍ର ମଧ୍ୟରୁ କୌଣସିଟିରେ ୧ନମ୍ବର ସ୍ଥାନ ହାସଲ କରିପାରିନାହିଁ। ସମସ୍ତ ୧୬ଟି କ୍ଷେତ୍ରର ଅଗ୍ରଗତିକୁ ସମୀକ୍ଷା କଲା ପରେ ଓଡ଼ିଶା ରାଜ୍ୟମାନଙ୍କ ମଧ୍ୟରେ ୨୨ ନମ୍ବର ସ୍ଥାନରେ ଥିବା ଜଣାପଡିଛି। ଯେଉଁ କେତୋଟି କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଅତି ଉଦ୍‌ବେଗଜନକ ଅଛି ସେଗୁଡ଼ିକ ମଧ୍ୟରେ ରହିଛି କ୍ଷୁଧା ଦୂରୀକରଣ ଲକ୍ଷ୍ୟର ଅନ୍ତର୍ଭୁକ୍ତ ଶିଶୁ ଏବଂ ମାତୃ ପୁଷ୍ଟିହୀନତା, ଗୁଣାତ୍ମକ ଶିକ୍ଷା ଲକ୍ଷ୍ୟର ଅନ୍ତର୍ଭୁକ୍ତ ଡ୍ରପ୍‌ଆଉଟ୍ ଓ ଶିକ୍ଷାର ମାନଦଣ୍ଡ ହ୍ରାସ ଏବଂ ଲିଙ୍ଗଗତ ଅସମତା। ଆଶ୍ଚର୍ଯ୍ୟ କଥା ଯେ ପୂର୍ବ ସରକାର ସମୟରେ ମହିଳାମାନଙ୍କ ଆର୍ଥିକ ଓ ରାଜନୈତିକ ସଶକ୍ତୀକରଣ ଉପରେ ଅନେକ କାର୍ଯ୍ୟ ହୋଇଥିଲେ ବି ଲିଙ୍ଗଗତ ଅସମତା କ୍ଷେତ୍ରରେ ରାଜ୍ୟର ସ୍ଥାନ ୨୮ ନମ୍ବରରେ ବା ରାଜ୍ୟମାନଙ୍କ ମଧ୍ୟରେ ସବୁଠାରୁ ତଳେ ଅଛି। ଏହିବର୍ଷ ବଜେଟ ପାଇଁ ନୂଆ ସରକାର ସମୟ ପାଇ ନ ଥିବାରୁ ଆସନ୍ତା ବର୍ଷ ବଜେଟ ପ୍ରସ୍ତୁତ କରିବାବେଳକୁ ରାଜ୍ୟର ବିକାଶର ସ୍ଥିତି ନିରନ୍ତର ବିକାଶ-୨୦୩୦ ଫ୍ରେମ୍‌ୱାର୍କରେ ଯେଉଁ ଯେଉଁ କ୍ଷେତ୍ରମାନଙ୍କରେ ବହୁତ ପଛରେ ଅଛି, ତାହାକୁ ଦୃଷ୍ଟିରେ ରଖି କାର୍ଯ୍ୟକ୍ରମ ପ୍ରସ୍ତୁତ କରିବେ।

ମୁଖ୍ୟ ଲକ୍ଷ୍ୟ ହେଲା ରାଜ୍ୟର ଦ୍ରୁତ ଆର୍ଥିକ ପ୍ରଗତି। ଓଡ଼ିଶାର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି) ବାର୍ଷିକ ପ୍ରାୟ ଆଠଲକ୍ଷ କୋଟି ଟଙ୍କା। ଆନ୍ଧ୍ରପ୍ରଦେଶର ମୋଟ ଘରୋଇ ଉତ୍ପାଦ ଆମର ପ୍ରାୟ ୨ ଗୁଣ, ଗୁଜରାଟର ଏହା ଆମର ପ୍ରାୟ ତିନିଗୁଣ, ମହାରାଷ୍ଟ୍ରର ଏହା ଆମର ପ୍ରାୟ ଚାରିଗୁଣ। ମୋଟ ଘରୋଇ ଉତ୍ପାଦକୁ କୃଷି, ଶିଳ୍ପ, ସେବାର ଅବଦାନ ଯଥାକ୍ରମେ ୨୧%, ୪୩% ଓ ୨୭%। ଆମ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ଏବେ ପ୍ରାୟ ୭-୮% ହୋଇଥିବା ବେଳେ କୃଷି କ୍ଷେତ୍ରରେ ଏହା ପ୍ରାୟ ୩.୫% , ଶିଳ୍ପ କ୍ଷେତ୍ରରେ ଏହା ୮.୭% ଓ ସେବା କ୍ଷେତ୍ରରେ ଏହା ୯.୨%। ବାର୍ଷିକ ଆର୍ଥିକ ଅଭିବୃଦ୍ଧି ହାରକୁ ଆମେ ୧୦- ୧୨% କୁ ବୃଦ୍ଧିକରିବାକୁ ପଡିବ।

ଏଥିପାଇଁ ଆମର ସମ୍ବଳ ଓ କ୍ଷମତା କେଉଁଠି କେତେ ଅଛି ତାହା ଜାଣିବା ଓ ଜିଲାସ୍ତରକୁ ଓହ୍ଲାଇବା ଆବଶ୍ୟକ। ଜିଲାର ସମସ୍ତ ପଞ୍ଚାୟତ ଓ ନଗରାଞ୍ଚଳର ମାନବସମ୍ବଳ, ଜମି, ଜଳ, ଗଛ, ଜଳସେଚନ, ଗୋସମ୍ପଦ, ବ୍ୟବସାୟ, ଖଣିଖାଦାନ, ସରକାରୀ ସମ୍ପତ୍ତି ଇତ୍ୟାଦି କ୍ଷମତାକୁ ମାପି ଆମେ ବ୍ଲକ, ନଗରପାଳିକା ଓ ପ୍ରତ୍ୟେକ ଜିଲାର ମୋଟ ଘରୋଇ ଉତ୍ପାଦ ଲକ୍ଷ୍ୟ -୨୦୩୬ ପ୍ରଥମେ ପ୍ରସ୍ତୁତ କରି ତା'ପରେ ରାଜ୍ୟର ଘରୋଇ ଉତ୍ପାଦ- ୨୦୩୬ ଲକ୍ଷ୍ୟ ପ୍ରସ୍ତୁତ କଲେ ଯାଇ ବାସ୍ତବରେ ରାଜ୍ୟର ଆର୍ଥିକ ବିକାଶ ଦ୍ରୁତ ଗତିରେ ହୋଇପାରିବ।

ଏହି ସମୟରେ ଗରିବ ଲୋକମାନଙ୍କ ଆର୍ଥିକ ବିକାଶ ପାଇଁ ଯୋଜନା କରିବାକୁ ପଡିବ। ନୀତି ଆୟୋଗ ଦ୍ୱାରା ପ୍ରସ୍ତୁତ- ୨୦୨୩ର ବହୁମୁଖୀ ଦାରିଦ୍ର୍ୟ ରିପୋର୍ଟ ଅନୁଯାୟୀ, ରାଜ୍ୟର ମୋଟ ଗରିବୀ ହାର ୧୫.୬୮ ପ୍ରତିଶତ ଅଛି। ସହରୀ ଗରିବୀ ପ୍ରାୟ ୫ ପ୍ରତିଶତ ଓ ଗ୍ରାମୀଣ ଗରିବୀ ହାର ପ୍ରାୟ ୧୮ପ୍ରତିଶତ। ସେହିପରି ବାର୍ଷିକ ମୁଣ୍ଡ ପିଛା ଆୟରେ ଆମେ ଦେଶରେ ୧୧ନମ୍ବର ସ୍ଥିତିରେ ଅଛୁ (୧,୪୫,୨୦୦/-)। ମାଲକାନଗିରି ଜିଲାରେ ସର୍ବାଧିକ ୪୫% ଜନସଂଖ୍ୟା ଗରିବ। ଏହା ତଳକୁ ଅଛି ଯଥାକ୍ରମେ ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ମୟୂରଭଞ୍ଜ ଜିଲା। ଜନସଂଖ୍ୟାର ୩୦ରୁ ୨୦ ପ୍ରତିଶତ ଗରିବ ଲୋକଥିବା ଜିଲାଗୁଡିକ ହେଲା ଗଜପତି, କେନ୍ଦୁଝର, କଳାହାଣ୍ଡି, ନୂଆପଡ଼ା ଓ କଳାହାଣ୍ଡି। ଏହି ଜିଲାମାନଙ୍କରେ ଦାରିଦ୍ର୍ୟ ପରିବର୍ତ୍ତନ ଯୋଜନା ପ୍ରସ୍ତୁତ କରିବାକୁ ପଡିବ।

କେନ୍ଦ୍ର ଓ ରାଜ୍ୟରେ ଭାଜପା ସରକାର ଥିବାରୁ ରାଜ୍ୟ ସରକାର ୨୦୩୬ ପାଇଁ ରାଜ୍ୟର ବିକାଶ ତଥା ଆର୍ଥିକ ଅଭିବୃଦ୍ଧି ଯୋଜନା ପ୍ରସ୍ତୁତ କରିବା ଲାଗି ନୀତି ଆୟୋଗଙ୍କ ସହାୟତା ନେଇପାରିବେ। ରାଜ୍ୟର ଯୋଜନା ବୋର୍ଡ ଓ ଯୋଜନା ବିଭାଗ ସହିତ ନୀତି ଆୟୋଗ କାର୍ଯ୍ୟକରି ବ୍ଲକସ୍ତରରେ ଡାଟାବେସ୍‌କୁ ଦ୍ରୁତ କରିବେ। ଏବେ ସମସ୍ତ ବିଭାଗୀୟ ଡାଟାବେସ୍ ବହୁତ ପଛରେ ଅଛି। ବିକାଶ ଖସଡାରେ କେତେକ ଜନମଙ୍ଗଳ କାର୍ଯ୍ୟକ୍ରମ ରହିବା ଆବଶ୍ୟକ, କିନ୍ତୁ ଅନେକ ଜନମଙ୍ଗଳ କାର୍ଯ୍ୟକ୍ରମକୁ ବନ୍ଦ କରିବାକୁ ପଡିବ। ମାଗଣା ଯୋଜନା ଓ ରିଲିଫ୍ ମାନସିକତାରୁ ଆମକୁ ଉଦ୍ୟୋଗୀ ଓ ଆତ୍ମନିର୍ଭରଶୀଳ ମାନସିକତାକୁ ପରିବର୍ତ୍ତିତ ହେବାକୁ ପଡିବ। ନୂଆ ସରକାର ଆସନ୍ତା ୬ମାସ ଯୋଜନା ପ୍ରସ୍ତୁତିରେ ନିୟୋଗ କଲେ ଯାଇ ୨୦୨୫-୨୬ ଆର୍ଥିକ ବର୍ଷଠାରୁ ଓଡ଼ିଶା ୨୦୩୬-ଆତ୍ମନିର୍ଭରଶୀଳ ଓ ଦ୍ରୁତ ବିକାଶଶୀଳ ରାଜ୍ୟର ରାସ୍ତାରେ ଗତି କରିପାରିବ ।

**ମୋ-୭୦୦୮୨୩୩୭୨୯**

# ମଣି-କାଞ୍ଚନ ଯୋଗ



ଡ. ସୀତାକାନ୍ତ ତ୍ରିପାଠୀ

ଏକଦା ଶ୍ରୀମନ୍ଦିରରେ ଭକ୍ତି ଆନ୍ଦୋଳନର ପୁରୋଧା ଶ୍ରୀଚୈତନ୍ୟଦେବ ମାନସ ପୂଜା କରୁଥିବା ସମୟରେ ନିଜ ହାତତିଆରି ଗେଣ୍ଡୁଫୁଲମାଳ ଜଗନ୍ନାଥଙ୍କୁ ଲାଗି କଲାବେଳେ ତାହା ମହାପ୍ରଭୁଙ୍କ ମସ୍ତକରେ ଯାଉ ନ ଥାଏ। ଏହା ଭାବି ଭାବି ଚୈତନ୍ୟଦେବ ବ୍ୟସ୍ତ ବିବ୍ରତ ହେଉଥିବା ବେଳେ ତାଙ୍କ ପଛରୁ ଭକ୍ତ ଜଗନ୍ନାଥ ଦାସ ଆସି ପିଠିରେ ହାତମାରି ଦେଇ କହିଲେ, ଆପଣ ଫୁଲମାଳକୁ ଖୋଲିଦେଇ ମହାପ୍ରଭୁଙ୍କ ଶ୍ରୀହସ୍ତରେ ଦେଇ ଦିଅନ୍ତୁ ଏହା ଆରାମରେ ଶ୍ରୀ ଅଙ୍ଗଲାଗି ହୋଇଯିବ। ଏହା ଶୁଣି ଚୈତନ୍ୟଦେବ ଆଶ୍ଚର୍ଯ୍ୟ ହୋଇଗଲେ। ସେ ତ ମାନସ ପୂଜା କରୁଥିଲେ ତାଙ୍କ ମନର କଥା ଜଗନ୍ନାଥ ଦାସ କେମିତି ଜାଣିଲେ ? ତେଣୁ ସେ ଜଗନ୍ନାଥ ଦାସଙ୍କୁ ବଙ୍ଗଳା ଭାଷାରେ 'ଅତିବଡ଼ୀ' ଯାହା ଓଡ଼ିଆରେ ଅତିବଡ଼ ଭାବେ ସମ୍ବୋଧନ କରିଥିଲେ। ପରେ ପରେ ଦୁହେଁ ଦୁହିଁଙ୍କୁ ଗୁରୁ-ଶିଷ୍ୟ ବୋଲି ମାନି ଆସିଥିଲେ ଯାହାକୁ ଆମ ଓଡ଼ିଶାର ଭକ୍ତିମାର୍ଗର ଲୋକମାନେ ମଣି -କାଞ୍ଚନ ସଂଯୋଗ ବୋଲି କହିଥାଆନ୍ତି।

ସଂସାରରେ ଉଭୟ ମଣି ଏବଂ କାଞ୍ଚନ ଅର୍ଥାତ୍ ସୁନା ପ୍ରତି ଅଧିକାଂଶ ଲୋକଙ୍କ ଦୁର୍ବଳତା ଥାଏ। ଏହି ଦୁହିଁଙ୍କ ମଧ୍ୟରେ ଅନ୍ୟମାନଙ୍କୁ ଆକର୍ଷଣ କରିବାର ଯାଦୁ ରହିଛି। ସେମାନଙ୍କର ମିଳନରେ ଉଭୟଙ୍କର ଉପାଦେୟତା ତଥା ମର୍ଯ୍ୟାଦା ବହୁଗୁଣିତ ହୋଇଥାଏ। ତେବେ ମଣି ପାଇଁ କାଞ୍ଚନ କିମ୍ବା କାଞ୍ଚନ ପାଇଁ ମଣିର ମର୍ଯ୍ୟାଦା ବଢ଼ିଥାଏ ସେକଥା ବିଚାରକରି କୌଣସି ନିଷ୍କର୍ଷରେ ପହଞ୍ଚିବା ଏକ କଷ୍ଟକର ବ୍ୟାପାର। ମଣି କେବଳ ସ୍ୱସ୍ଥାନରେ ରହିଲେ ତା'ର ମର୍ଯ୍ୟାଦା କିମ୍ବା କାର୍ଯ୍ୟକାରିତା ଜଣା ପଡି ନ ଥାଏ ଏବଂ କାଞ୍ଚନ ଦ୍ୱାରା ଏହାକୁ ବ୍ୟକ୍ତି ଧାରଣକଲେ ଯାଇ ତାହା ବିଭିନ୍ନ ଶୁଭଫଳ ପ୍ରଦାନ କରିବା ସହ ଅଧିକ ଆକର୍ଷଣୀୟ ହୋଇଥାଏ। ସେହିପରି ସୁନା କେବଳ ଦାମୀ ଜିନିଷ ଭାବେ ପରିଗଣିତ ହେଉଥିବା ବେଳେ ଯଦି କୌଣସି କାରଣରୁ ଏଥିରେ ମଣିର ସଂଯୋଗ ହୁଏ ତେବେ ଏହା ଅତ୍ୟନ୍ତ ଉପକାରୀ ଏବଂ ଆବଶ୍ୟକ ଜିନିଷ ଭାବେ ପରିଗଣିତ ହେବା ସହ ଦୈନନ୍ଦିନ ଜୀବନରେ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଏ। ସେହି ଢଙ୍ଗରେ ଆମ ସମାଜ ମଧ୍ୟରେ ଉଭୟ ମଣି ତଥା ସୁନାର ଚରିତ୍ର ଭଳି ଲୋକମାନେ ଅଛନ୍ତି। ବ୍ୟକ୍ତିଗତ ଭାବେ ସେମାନେ ଐଶ୍ୱରିକ ଏବଂ ଅନେକ ଅଦ୍ୱିତୀୟ ଗୁଣର ଅଧିକାରୀ ହୋଇଥାଆନ୍ତି। ତେବେ ସେମାନଙ୍କ ମଧ୍ୟରେ ସଂଯୋଗବଶତଃ ସମ୍ପର୍କ ସ୍ଥାପନ କିମ୍ବା ମିଳନ ହୋଇଗଲେ ଉଭୟ ମହାପୁରୁଷ ବା ମହନୀୟ ବ୍ୟକ୍ତିତ୍ୱ ହୋଇଯାଆନ୍ତି। ନରେନ୍ଦ୍ରନାଥଙ୍କ ମନରେ ଭଗବାନଙ୍କର ସତ୍ତାକୁ ନେଇ



ଯେତେବେଳେ ବାରମ୍ବାର ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହେଲା ସେତେବେଳେ ତାଙ୍କର ସଂଶୟ ଦୂରକରିବା ପାଇଁ ସେ ବିଭିନ୍ନ ଗୁରୁଙ୍କୁ ଭେଟିଥିଲେ ମଧ୍ୟ ତାଙ୍କର ସନ୍ଦେହ ମୋଚନ ହୋଇ ନ ଥିଲା। ଏଥିରେ ବ୍ୟଥିତ ତଥା ଭାରାକ୍ରାନ୍ତ ମନକୁ ନେଇ ଯେତେବେଳେ ସେ ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଆପଣ ଭଗବାନଙ୍କୁ ଦେଖିଛନ୍ତି କି ବୋଲି ପଚାରିଲେ, ଉତ୍ତରରେ ଗୁରୁ ରାମକୃଷ୍ଣ କହିଥିଲେ, ଆରେ ଦେଖିଛି କ'ଣ ବୋଲି ପଚାରୁଛ, ତୁମ ସହ ଯେମିତି କଥା ହେଉଛି ସେମିତି କଥା ହୋଇଛି। ତା'ପରେ ପରେ....ପ୍ରଶ୍ନକାରୀ ନରେନ୍ଦ୍ରନାଥ ବନିଗଲେ ବିବେକାନନ୍ଦ, ଆଉ ରାମକୃଷ୍ଣଙ୍କର ଦିବ୍ୟବାଣୀ ସହ ମୃତ୍ୟୁ ପର୍ଯ୍ୟନ୍ତ ହିନ୍ଦୁଧର୍ମର ଅନେକ ସାରଗର୍ଭକ ବାଣୀ ସାରା ବିଶ୍ୱରେ ବାଣ୍ଟିବା ପାଇଁ ପ୍ରୟାସକରି ଚାଲିଥିଲେ। ଏହାକୁ ଲୋକମାନେ କୁହନ୍ତି 'ମଣି-କାଞ୍ଚନ' ସଂଯୋଗର ଫଳ। ସେହିଭଳି ଐତିହାସିକମାନଙ୍କ ମତରେ ନନ୍ଦବଂଶୀୟ ରାଜାଙ୍କ ଦ୍ୱାରା ଭର୍ତ୍ସିତ ହୋଇ ଚାଣକ୍ୟ ଯେତେବେଳେ ଫେରୁଥିଲେ ସଂଯୋଗବଶତଃ ତାଙ୍କର ଚନ୍ଦ୍ରଗୁପ୍ତଙ୍କ ସହ ଦେଖା ହୋଇଥିଲା। ଚନ୍ଦ୍ରଗୁପ୍ତଙ୍କ ମଧ୍ୟରେ ଥିବା ରାଜକୀୟ ଗୁଣକୁ ଚିହ୍ନିପାରି ଚାଣକ୍ୟ ତାଙ୍କୁ ଶେଷରେ ରାଜପଦରେ ଅଭିଷିକ୍ତ କରାଇବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଏହା ମଣି-କାଞ୍ଚନ ସଂଯୋଗର ଅନନ୍ୟ ଉଦାହରଣ ଏବଂ ଯାହା ବ୍ୟକ୍ତି ଦ୍ୱାରା ଅସମ୍ଭବ ତାହା ସମଷ୍ଟି ଦ୍ୱାରା ସମ୍ଭବ ବୋଲି ପ୍ରମାଣିତ କରିଥିଲା।

ସେହିଭଳି ଭାରତର ସ୍ୱାଧୀନତା ସଂଗ୍ରାମରେ ଗୋପାଳକୃଷ୍ଣ ଗୋଖ୍‌ଲେ ଏବଂ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କକୁ ଅନେକ ଗୁରୁ-ଶିଷ୍ୟ ସହ ତୁଳନା କରୁଥିଲେ ମଧ୍ୟ ଏହା ମଧ୍ୟ ମଣି-କାଞ୍ଚନ ସଂଯୋଗର ଏକ ଅନନ୍ୟ ଉଦାହରଣ। ପାରିବାରିକ ଜୀବନରେ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କକୁ ମଧ୍ୟ ଅନେକ ସମୟରେ ମଣି-କାଞ୍ଚନର ସଂଯୋଗ ସହ ତୁଳନା କରାଯାଇଥାଏ। ଜ୍ୟୋତିବା ଫୁଲେ ଯେତେବେଳେ ଦଳିତମାନଙ୍କର ଅଧିକାର ପାଇଁ ଲଢ଼େଇ କରୁଥିଲେ ତାଙ୍କ ସହ ସ୍ତ୍ରୀ ସାବିତ୍ରୀବାଈ ଫୁଲେ ଯୋଗଦେଇ ସ୍ୱାମୀଙ୍କର ଲଢ଼େଇକୁ ଆହୁରି ଅଧିକ ଶାଣିତ କରାଇ ପାରିଥିଲେ। ଓଡ଼ିଶାର ବିଶିଷ୍ଟ ନୃତ୍ୟଶିଳ୍ପୀ ସଂଯୁକ୍ତା ପାଣିଗ୍ରାହୀ ଏବଂ ଶାସ୍ତ୍ରୀୟ କଣ୍ଠଶିଳ୍ପୀ ରଘୁନାଥ ପାଣିଗ୍ରାହୀଙ୍କର ସମ୍ପର୍କ ମଧ୍ୟ ସେହି ଦୃଷ୍ଟିରୁ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ତେବେ ଉଭୟ ମଣି ଓ କାଞ୍ଚନ ଯଦି ନିଜ ନିଜକୁ ବଡ଼ ମନେକରି ସେମାନଙ୍କର ସ୍ୱତନ୍ତ୍ରତା ପ୍ରତିପାଦନ କରିବା ପାଇଁ ଚେଷ୍ଟା କରନ୍ତି ତାହା ଭଲ ହୋଇପାରେ, କିନ୍ତୁ ପ୍ରତିଯୋଗୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ମନେକରି ଲଢ଼େଇରେ ମଜି ରହିଲେ ତାହା ଉଭୟ ବ୍ୟକ୍ତିଗତ ତଥା ସାମାଜିକ ଉନ୍ନତିରେ ପ୍ରତିବନ୍ଧକ ସୃଷ୍ଟିକରିବା ସମ୍ଭାବନା ରହିଛି।

**ଅର୍ଣ୍ଣପାଳ, ଭଦ୍ରକ**
**ମୋ:୯୭୭୮୭୬୪୩୯୪**

## ଏଇ ଭାରତରେ

ଝାଡ଼ଖଣ୍ଡ ଦେଓଘରର ରାମ ପାଣ୍ଡେ ଅନେକ ଅସହାୟ ଝିଅଙ୍କ ପିତା ପାଲଟି ଯାଇଛନ୍ତି। ୨୦୦୪ରୁ ସେ ଏହି ଦାୟିତ୍ୱ ବହନ କରିଆସୁଛନ୍ତି। ରାମଙ୍କ ବୟସ ୬୩। ସେ ଏବେ ଦେଓଘରର ପ୍ରସିଦ୍ଧ ଶିବମନ୍ଦିରକୁ ଯାଉଥିବା କାଉଡ଼ିଆମାନଙ୍କୁ ପିଇବା ପାଣି ଦେବା ଲାଗି ଏକ ଷ୍ଟଲ୍ ଖୋଲିଛନ୍ତି। ଏଠାରୁ ପାଣି ପିଇବା ପରେ ବହୁ କାଉଡ଼ିଆ ତାଙ୍କୁ କିଛି ଅର୍ଥ ବି ଦେଉଛନ୍ତି। ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏହି ଅର୍ଥକୁ ରାମ ତାଙ୍କ ନାରାୟଣ ସେବାଶ୍ରମରେ ରହୁଥିବା ୩୫ ଜଣ ଅସହାୟ ଝିଅଙ୍କ ଲାଗି ଖର୍ଚ୍ଚ କରୁଛନ୍ତି। କେବଳ ଶ୍ରାବଣ ମାସ ନୁହେଁ, ବର୍ଷ ସାରା ସେ ଯାହା ଆୟ କରନ୍ତି ସେସବୁ ତାଙ୍କ ଆଶ୍ରମ ପିଲାମାନଙ୍କ ପିଛା ଖର୍ଚ୍ଚ କରୁଛନ୍ତି। ବହୁ ବ୍ୟକ୍ତି ଏହି କାର୍ଯ୍ୟ ଲାଗି ତାଙ୍କୁ ଆର୍ଥିକ ସହଯୋଗ ମଧ୍ୟ କରୁଛନ୍ତି। ଝିଅମାନଙ୍କୁ ପଢ଼ାଇବାଠାରୁ ଆରମ୍ଭ କରି ସେମାନଙ୍କ ବିବାହ ବି କରାଉଛନ୍ତି। ୨୦୦୪ରେ ରାମ ଏକ ପରିତ୍ୟକ୍ତ ଝୁମ୍ପୁଡ଼ିରୁ ନବଜାତ କନ୍ୟାଟିଏ ପାଇବା ପରେ ତାକୁ ଚିକିତ୍ସା କରି ସୁସ୍ଥ କରିଥିଲେ। ଏହି ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଇଥିଲା। ପରେ ରାସ୍ତାରେ ବୁଲୁଥିବା ବେସାହାରା ଝିଅମାନଙ୍କ ସମ୍ପର୍କରେ ଖବର ପାଇ ସେଠାକାର ପ୍ରଶାସନ ସହାୟତାରେ ନିଜ ପାଖକୁ ଆଣି ରଖିବାରେ ଲାଗିଲେ। ପ୍ରଥମେ ସେମାନଙ୍କୁ ନିଜ ଘରେ ରଖୁଥିଲେ। ପରେ ଝିଅମାନଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ନିଜ ଜମି ବିକ୍ରି କରି ସେମାନଙ୍କ ପାଇଁ ଘର ତିଆରି କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୩୦ ଜୁଲାଇ ୧୯୭୫**

- ବଂଶୀଧର ଗୋସ୍ୱାମୀଙ୍କୁ ୟେମେନ ଆରବ ସାଧାରଣତନ୍ତ୍ରରେ ନୂଆ ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପ୍ରଦାନ।
- ଭାରତ ମହାସାଗରସ୍ଥିତ ଡିଏଗୋଗାର୍ସିଆ ଦ୍ୱୀପରେ ଆମେରିକାର ସାମରିକ ଘାଟି ସମ୍ପ୍ରସାରଣ ପ୍ରସ୍ତାବ ମାର୍କିନ ସିନେଟରେ ଅନୁମୋଦିତ।

## ସୁଡୋକୁ

su | do | ku
Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| 3 | | | 4 | | 6 | | | |
| 1 | 7 | | | | | | 8 | |
| | | 5 | | 2 | | | | |
| | | | | | 7 | 9 | | |
| | | 2 | | | | 6 | | |
| | | | | 6 | 5 | 4 | | |
| | | 3 | | | | | | 7 |
| | | | | | | 5 | | 9 |
| 7 | 1 | 4 | 5 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 3 | 1 | 5 | 7 | 8 | 6 | 2 | 4 |
| 6 | 4 | 7 | 2 | 1 | 9 | 3 | 8 | 5 |
| 5 | 8 | 2 | 3 | 6 | 4 | 9 | 7 | 1 |
| 4 | 1 | 6 | 8 | 2 | 3 | 5 | 9 | 7 |
| 3 | 2 | 5 | 1 | 9 | 7 | 4 | 6 | 8 |
| 8 | 7 | 9 | 6 | 4 | 5 | 2 | 1 | 3 |
| 1 | 9 | 8 | 4 | 3 | 6 | 7 | 5 | 2 |
| 7 | 5 | 4 | 9 | 8 | 2 | 1 | 3 | 6 |
| 2 | 6 | 3 | 7 | 5 | 1 | 8 | 4 | 9 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ କିଛି ନାହିଁ

ମହାଶୟ,

କେବଳ ଆୟକର ଦାଖଲ ପାଇଁ ଥିବା ଷ୍ଟାଣ୍ଡାର୍ଡ ଡିଡକ୍ସନରେ ପଚିଶ ହଜାର ଟଙ୍କା ବୃଦ୍ଧି କରି ସରକାର କର୍ମଚାରୀ ଓ ପେନସନଭୋଗୀଙ୍କୁ ଖୁସି କରିବାକୁ ଚେଷ୍ଟା କରିବା ବ୍ୟତୀତ, ଚଳିତ ବଜେଟ ଉଭୟ ଶ୍ରମିକ-କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ସମ୍ପୂର୍ଣ୍ଣ ନୈରାଶ୍ୟଜନକ କହିଲେ ଅତ୍ୟୁକ୍ତି ହେବନାହିଁ। ଦେଶର ସମସ୍ତ ଶ୍ରମିକ-କର୍ମଚାରୀମାନଙ୍କର ଏକ ବଡ଼ ଆଶା ଥିଲା ସରକାର ନିଶ୍ଚିତ ଭାବେ ଅଷ୍ଟମ ବେତନ ଆୟୋଗ ଗଠନ ପାଇଁ ଚଳିତ ବଜେଟରେ ଘୋଷଣା କରିବା ସହ ପେନସନ ଯୋଜନାରେ ପରିବର୍ତ୍ତନ ତଥା କୋଭିଡ ସମୟରୁ କାଟି ନେଇଥିବା ୧୮ମାସର ବକେୟା ମହଙ୍ଗା ଭତ୍ତାକୁ ଫେରେଇ ଦେବା ପାଇଁ ପ୍ରାବଧାନ କରିବେ। କିନ୍ତୁ କର୍ମଚାରୀଙ୍କର ଏହି ତିନୋଟି ମୁଖ୍ୟ ଦାବି ଉପରେ ଚଳିତ ବଜେଟ ସମ୍ପୂର୍ଣ୍ଣ ନୀରବ। କର୍ମଚାରୀଙ୍କ ସର୍ବନିମ୍ନ ବେତନ ନିର୍ଦ୍ଧାରଣ ଓ ପେନସନରେ ସୁଧାର ଆଣିବା ଏବଂ ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀମାନଙ୍କ ପାଇଁ ମାସିକ ୯ ହଜାର ଟଙ୍କା ସର୍ବନିମ୍ନ ପେନସନ ଘୋଷଣା ବିଳମ୍ବିତ ହେଉଥିବା ବେଳେ, ଚଳିତ ବଜେଟରେ ନାବାଳକଙ୍କ ପାଇଁ 'ବାତ୍ସଲ୍ୟ' ଯୋଜନାର ପ୍ରଚଳନ ନିହାତି ହାସ୍ୟାସ୍ପଦ। ଅଧିକନ୍ତୁ, ପାର୍ଲାମେଣ୍ଟାରି ଷ୍ଟାଣ୍ଡିଂ କମିଟି ଫେବୃଆରୀ ୨୦୨୪ରେ ସେମାନଙ୍କର ୧୫୫ତମ ରିପୋର୍ଟ ଦାଖଲ କଲାବେଳେ ମହଜୁଦା ସର୍ତ୍ତାବଳୀକୁ କୋହଳ କରି କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା(ସିଜିଏଚଏସ)ରେ ଅଧିକ ସଂଖ୍ୟକ ସ୍ୱାସ୍ଥ୍ୟ ମଙ୍ଗଳ କେନ୍ଦ୍ର ଖୋଲିବା ପାଇଁ ସୁପାରିସ କରିଥିଲେ ବି ଚଳିତ ବଜେଟରେ ସେଭଳି କିଛି ପ୍ରାବଧାନ ନାହିଁ କିମ୍ବା ଔଷଧପତ୍ର ଓ ବିଭିନ୍ନ ମେଡିକାଲ ସରଞ୍ଜାମର ଦରବୃଦ୍ଧିକୁ ଆଖିରେ ରଖି ନିର୍ଦ୍ଦିଷ୍ଟ ରୋଗର ଚିକିତ୍ସା ପାଇଁ ଧାର୍ଯ୍ୟ ସିଜିଏଚଏସ ପ୍ୟାକେଜରେ ମଧ୍ୟ କୌଣସି ପରିବର୍ତ୍ତନ କରିନାହାନ୍ତି। ତେଣୁ ଚଳିତ ବଜେଟକୁ କର୍ମଚାରୀ ବିରୋଧୀ କହିଲେ ଭୁଲ୍ ହେବନାହିଁ।

**-ବୃହସ୍ପତି ସାମଲ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ନାହିଁ ମୋ ବାସନା ଡାକିବାକୁ ତିଳେ
ଆସ ପାଶେ ବୋଲି ପ୍ରିୟେ ଚାରୁଶୀଳେ!
ଲଭିବାକୁ ତବ ଦେହ ମନ ଭାଷା
ନାହିଁ ମୁଁ ଭାବନା କରି
ଚମ୍ପକହାସ ହସିଯାଅ ଖାଲି
ଆଗୋ ଗୋରଚନା-ଗୋରି!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭୁବନେଶ୍ୱର: ଏସ୍ପ୍ଲାନେଡ୍ ମଲ୍ ସମ୍ମୁଖ ବମିଖାଲ ଓଭରବ୍ରିଜ୍‌ର ତଳ ରାସ୍ତା ଜଳାର୍ଣ୍ଣବ।



ଜାତୀୟ ରାଜପଥର ଇସ୍କନ ମନ୍ଦିର ସମ୍ମୁଖରେ ଜମିଥିବା ଅଣ୍ଟାଏ ଉଚ୍ଚର ପାଣିରେ ବସ୍, ଅଟୋ ଫସି ରହିଛି।

# ୩୧ରୁ ବଢ଼ିବ ବର୍ଷା

**ଭୁବନେଶ୍ୱର, ୨୯।୭ (ଅନୁରାଧା ମହାରଣା)**

ରାଜ୍ୟରେ ବର୍ଷା ଜାରି ରହିଥିବାବେଳେ ଆସନ୍ତା ୩୧ ତାରିଖରେ ବଙ୍ଗୋପସାଗରରେ ଆଉଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟରେ ବର୍ଷାର ବିସ୍ତୃତି ବଢ଼ିବ। ଏଥିପାଇଁ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ସତର୍କ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ବର୍ତ୍ତମାନ ଦକ୍ଷିଣ ପୂର୍ବ ମଧ୍ୟପ୍ରଦେଶ ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଫଳରେ ରାଜ୍ୟରେ ବର୍ଷାର ପରିମାଣ କମିଥିଲେ ମଧ୍ୟ ଆଉ ୨ଦିନ ପରେ ରାଜ୍ୟରେ ବର୍ଷାର ପରିମାଣ ଅଧିକ ରହିବ। ପାଣିପାଗ କେନ୍ଦ୍ରର ରିପୋର୍ଟ ଅନୁସାରେ, ସୋମବାର କଟକ, ଭୁବନେଶ୍ୱର ସମେତ ସାରା ରାଜ୍ୟରେ ବର୍ଷା ହୋଇଛି। ବାରିପଦାରେ ସର୍ବାଧିକ ୧୬.୬ ମିମି ବର୍ଷା ହୋଇଥିବାବେଳେ ଖୋର୍ଦ୍ଧାରେ ୧୫.୦, ବାଲେଶ୍ୱର ୧୦.୩, ବଲାଙ୍ଗୀର, ନୂଆପଡ଼ାରେ ୧୦.୦ ମିମି ଓ ମାଲକାନଗିରିରେ ୯.୨ ମିମି ବର୍ଷା ରେକର୍ଡ କରାଯାଇଛି। ମଙ୍ଗଳବାର ୧୧ ଜିଲାରେ ପ୍ରବଳ ବର୍ଷା ଓ କିଛି ସ୍ଥାନରେ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି। କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଢେଙ୍କାନାଳ, କଟକ, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଅଗଷ୍ଟ ୨ ଯାଏ ବିଭିନ୍ନ ଜିଲାରେ ପ୍ରବଳ ବର୍ଷା ହୋଇପାରେ ବୋଲି ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ବାରମ୍ବାର ଲଘୁଚାପ ଯୋଗ ଲଗାଣ ବର୍ଷା ସତ୍ତ୍ୱେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯% ନିଅଣ୍ଟିଆ ବର୍ଷା ଜାରି ରହିଛି। କିଛି ସ୍ଥାନରେ ଚାଷ କାର୍ଯ୍ୟ ପ୍ରଭାବିତ ହୋଇଥିବା ବେଳେ ଆଉ କିଛିସ୍ଥାନରେ ସ୍ୱାଭାବିକ ରହିଛି।

# ଜାତୀୟ ରାଜପଥ, ସ୍ମାର୍ଟସିଟି ରାସ୍ତାରେ ବର୍ଷା ଦୁର୍ଦ୍ଦଶା

**ଭୁବନେଶ୍ୱର, ୨୯।୭ (ବନ୍ଦନା ସେଠୀ)**

ବର୍ଷା ହେଲେ ଜଳବନ୍ଦୀ ବିବାଦ ସ୍ମାର୍ଟସିଟି ଭୁବନେଶ୍ୱରର ପିଛା ଛାଡୁନାହିଁ। ସହରକୁ ନଂ.୧ କରିବା ପାଇଁ ଯେତେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ହେଉଥିଲେ ବି ଅସରାଏ ବର୍ଷା ସେ ସବୁକୁ ପାଣିରେ ପକାଇ ଦେଉଛି। ବର୍ଷାଜଳ ନିଷ୍କାସନ ରାଜଧାନୀବାସୀଙ୍କ ମୁଖ୍ୟ ସମସ୍ୟା ପାଲଟିଥିବାବେଳେ ବିଏମ୍‌ସି କେବଳ ଲୋକଦେଖାଣିଆ ଚିନ୍ତା ପ୍ରକଟ କରିବା ବ୍ୟତୀତ ଆଉକିଛି କରୁନାହିଁ। ଫଳରେ ପୂର୍ବ ଭଳି ସୋମବାର ବର୍ଷାରେ ସହର ଜଳମୟ ହୋଇଯାଇଥିଲା। ଜାତୀୟ ରାଜପଥଠାରୁ ଆରମ୍ଭ କରି ସ୍ମାର୍ଟସିଟିର ମୁଖ୍ୟ ରାସ୍ତା ଓ କଲୋନୀରେ ବର୍ଷା ପାଣି ଲହଡ଼ି ଖେଳିଥିଲା। ରାସ୍ତାଘାଟ, ଡ୍ରେନ୍, ପାଥ୍‌ୱେ ସବୁ ଏକାକାର ହୋଇ ଯାଇଥିଲା। ଘଣ୍ଟା ଭିତରେ ଲୋକଙ୍କ ଦୁର୍ଦ୍ଦଶା ସବୁଠୁ ବଳିଯାଇଥିଲା। ପାଣି ପଶି ଇଞ୍ଜିନ ବନ୍ଦ ହୋଇଯିବାରୁ ଲୋକେ ଗାଡି ଠେଲି ଠେଲି ହାଲିଆ ହୋଇଯାଇଥିଲେ। ପୁଣି କେଉଁଠି ଅଣ୍ଟା ପାଣି ଭିତରେ ଅଟୋ, ବସ୍ ଫସି ରହିଥିବା ଦେଖିବାକୁ ମିଳିଥିଲା। ଦିନସାରା ପାଗ ମେଘୁଆ ଥିବାବେଳେ ଅପରାହ୍ନ ପ୍ରାୟ ୫ଟା ବେଳକୁ ବର୍ଷା ଆରମ୍ଭ ହୋଇ ଯାଇଥିଲା। ମୁଷଳ ଧାରାରେ ବର୍ଷା ହେବାରୁ ବର୍ଷା ପାଣି ଡ୍ରେନ୍‌ରେ ପାସ୍ କରି ନ ପାରିବାରୁ ରାସ୍ତାରେ ଲହଡ଼ି ମାରିଥିଲା। ଲୋକଙ୍କ ଘରେ ମଧ୍ୟ ପାଣି ପଶି ଯାଇଥିଲା। ବିଶେଷକରି ଲକ୍ଷ୍ମୀସାଗର, ଫାୟାରଷ୍ଟେଶନ୍, ନୟାପଲ୍ଲୀ, ବରମୁଣ୍ଡା, ଝାରପଡ଼ା, ପଳାଶୁଣୀ, ରସୁଲଗଡ଼, ଜଗନ୍ନାଥ ଆଶ୍ରମ, ପୁରୁଣା ଭୁବନେଶ୍ୱର, ଜିଜିପି କଲୋନୀ, ମହିଷାଖାଲ ଆଦି ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ଦେଖାଦେଇଥିଲା। ସେହିପରି ୧୬ନଂ ଜାତୀୟ ରାଜପଥର ଇସ୍କନ ମନ୍ଦିର ସମ୍ମୁଖ ରାସ୍ତାରେ ଅଣ୍ଟାଏ ଉଚ୍ଚର ପାଣି ଜମିବାରୁ ମୋ ବସ୍ ଫସି ରହିଥିଲା। ପାଣି ପଶି ଯିବାରୁ ଗାଡ଼ି ଆଉ ଷ୍ଟାର୍ଟ ହୋଇ ନ ଥିଲା ଏବଂ ଶେଷରେ ଗାଡ଼ିକୁ ଠେଲିଠେଲି ବାହାରକୁ ଆଣିବାକୁ ପଡିଥିଲା। ସେହିପରି ଶହୀଦନଗର ମହର୍ଷି କଲେଜ ସମ୍ମୁଖ ରାସ୍ତା, ଶିଶୁ ଭବନରୁ ଏୟାରପୋର୍ଟ ରାସ୍ତାରେ ମଧ୍ୟ ଆଣ୍ଠୁଏ ଉଚ୍ଚର ପାଣି ଚାଲିଥିଲା। ଅନ୍ଧାର ସାଙ୍ଗକୁ ବର୍ଷାପାଣି ପାଇଁ ଲୋକେ ନାନା ଦୁର୍ଦ୍ଦଶା ଭୋଗିଥିଲେ। ଅଧିକାଂଶ ଦୁଇ ଚକିଆ ଯାନରେ ପାଣି ପଶି ଯିବାରୁ ଆରୋହୀମାନେ ତାକୁ ଠେଲିଠେଲି ନେଇଥିଲେ। ଏପରିକି ଅଟୋ ଚାଳକଙ୍କ ମଧ୍ୟ ସମାନ ଅବସ୍ଥା ହୋଇଥିଲା।

## ଇଞ୍ଜିନ ବନ୍ଦ, ଗାଡ଼ି ଠେଲିଠେଲି ଲୋକେ ହାଲିଆ





ବାରଙ୍ଗ ଅଞ୍ଚଳରେ ଗାଁ ରାସ୍ତାରେ ପାଣିରେ ସୁଅ।

# ଲଗାଣ ବର୍ଷାରେ ଛାତ ଭୁଶୁଡିଲା

**ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)**



ରାଜ୍ୟରେ ଆରମ୍ଭ ହୋଇଥିବା ଲଘୁଚାପ ଜନିତ ବର୍ଷାରେ ବୃଦ୍ଧ ଦମ୍ପତିଙ୍କ ଛାତ ଘର ଭାଙ୍ଗିଯାଇଛି। ଘର ଭାଙ୍ଗିଯିବା ଫଳରେ ଅନେକ ଆସବାବପତ୍ର ମଧ୍ୟ ନଷ୍ଟ ହୋଇଯାଇଥିବା ଜଣାପଡ଼ିଛି। ଏହିଭଳି ଘଟଣା ବାରଙ୍ଗ ବ୍ଲକ ଅଧୀନ ଦାଢ଼ାପାଟଣା ପଞ୍ଚାୟତର କାନପୁର ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ମନମୋହନ ବେହେରା ନାମକ ବୃଦ୍ଧ ତାଙ୍କ ସ୍ତ୍ରୀଙ୍କ ସହ ବହୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ପୁରୁଣା କୋଠାଘରେ ଦୀର୍ଘଦିନ ହେବ ରହି ଆସୁଥିଲେ। ବୃଦ୍ଧ ଜଣକ ଏହି ପରିଣତ ବୟସରେ ଗ୍ରାମ ନିକଟରେ ଏକ ଛୋଟ ଦୋକାନଟିଏ କରି ଯେଉଁ ଦୁଇ ପଇସା ରୋଜଗାର କରନ୍ତି, ସେଥିରେ ୨ ପ୍ରାଣୀ ସୁରୁଖୁରୁରେ ଚଳିଯାଆନ୍ତି। ରବିବାର ସନ୍ଧ୍ୟାରେ ହୋଇଥିବା ଲଗାଣ ବର୍ଷାରେ ଛାତଟି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିଲା। ସୌଭାଗ୍ୟ କାହାର କୌଣସି କ୍ଷତି ହୋଇ ନ ଥିଲେ ମଧ୍ୟ ଘରର ଆସବାସପତ୍ର ନଷ୍ଟ ହୋଇଯାଇଥିଲା। ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଛାତ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯିବା ଫଳରେ ମୁଣ୍ଡ ଗୁଞ୍ଜିବାକୁ ତାଙ୍କ ପାଖରେ ଆଉ ଘର ଖଣ୍ଡିଏ ନାହିଁ। ଫଳରେ ୨ ଦିନ ହେବ ବହୁ ଦୁର୍ଦ୍ଦିନରେ କାଳାତିପାତ କରୁଛନ୍ତି। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ସାମାନ୍ୟ ବର୍ଷାରେ ଗାଁ ଦାଣ୍ଡରେ ପାଣି

**ବାରଙ୍ଗ,୨୯।୭(ଲିଙ୍ଗରାଜ ରାଉତ)**

ଲଗାଣ ବର୍ଷାରେ ଭୁବନେଶ୍ୱର ବ୍ଲକ ଅଧୀନ ଦାଢ଼ା ପଞ୍ଚାୟତର ସାନ ବାଲିପଡ଼ା ଗ୍ରାମ ରାସ୍ତା ଜଳମଗ୍ନ ହୋଇପଡ଼ିଛି। ଫଳରେ ଛୋଟ ପିଲାଙ୍କଠୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରାମର ଏକ ପାର୍ଶ୍ୱରେ ଆପାର୍ଟମେଣ୍ଟମାନ ଗଢ଼ି ଉଠିବା ଫଳରେ ବର୍ଷାଜଳ ଆଉ ନିଷ୍କାସିତ ହୋଇ ପାରୁନାହିଁ। ଉକ୍ତ ଆପାର୍ଟମେଣ୍ଟର ସଂସ୍ଥା ଜଳ ନିଷ୍କାସନ ପାଇଁ ନିଜର କୌଣସି ସେଭଳି ଡ୍ରେନ ନିର୍ମାଣ କରି ନ ଥିବାରୁ ଏହି ସମସ୍ୟା ଉପୁଜିଛି। ସମସ୍ତ ବର୍ଷାଜଳକୁ ଗ୍ରାମପଟକୁ ଛାଡ଼ି ଦେବାରୁ ସାମାନ୍ୟ ଟିକିଏ ବର୍ଷା ହେଲେ ଆପାର୍ଟମେଣ୍ଟରୁ ଆସୁଥିବା ବର୍ଷାଜଳ ଗ୍ରାମ ମୁଖ୍ୟରାସ୍ତା ଉପରେ ଜମି ରହୁଛି। ଯାହାକୁ ନେଇ ଗ୍ରାମରେ ଅସନ୍ତୋଷ ଦେଖାଦେଇଛି। ପୂର୍ବରୁ ଉକ୍ତ ରାସ୍ତା ଦେଇ ବର୍ଷାଜଳ ନିଷ୍କାସିତ ହୋଇଯାଉଥିଲା। ହେଲେ ଆପାର୍ଟମେଣ୍ଟ ନିର୍ମାଣ ହେବା ପରଠାରୁ ଗ୍ରାମରେ ଏପରି ସ୍ଥିତି ଲାଗି ରହୁଛି। ଜଳଚର ଜୀବଙ୍କ ପ୍ରତି ଅଧିକ ଭୟ ରହିଥିବାରୁ ପିଲାମାନେ ପାଣିରେ ପଶି ବିଦ୍ୟାଳୟ, ମହାବିଦ୍ୟାଳୟକୁ ଯିବାକୁ ନିରାପଦ ମନୁନାହାନ୍ତି। ଅନ୍ୟପଟେ ବର୍ଷାଜଳ ଜମି ରହୁଥିବାରୁ କିଛି ଘର ମଧ୍ୟ ଜଳବନ୍ଦୀ ଅବସ୍ଥାରେ ରହୁଛି। କିଛିଦିନ ପୂର୍ବରୁ ଗ୍ରାମରାସ୍ତା ନବୀକରଣ କରାଯାଇଥିଲା। ସେହି ସମୟରେ ଯଦି ଜଳ ନିଷ୍କାସନ ଚିନ୍ତା କରାଯାଇ ଡ୍ରେନ ନିର୍ମାଣ କରାଯାଇଥାନ୍ତା, ତେବେ ଏଭଳି ସମସ୍ୟା ଉପୁଜି ନ ଥାନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବର୍ଷାଦିନ ଆରମ୍ଭରୁ ଅସରାଏ ବର୍ଷାରେ ଏଭଳି ସ୍ଥିତି ଉପୁଜୁଥିବାବେଳେ ଆଗକୁ କ'ଣ ହେବ ତାହାକୁ ନେଇ ଗ୍ରାମବାସୀ ଏବେଠାରୁ ଚିନ୍ତା ପ୍ରକଟ କରିବା ଆରମ୍ଭ କଲେଣି। ବର୍ଷାଜଳ ନିଷ୍କାସିତ ନ ହୋଇ ଜମି ରହିବା ଦ୍ୱାରା ଡେଙ୍ଗୁର ଭୟ ମଧ୍ୟ ଗ୍ରାମବାସୀଙ୍କୁ ଅଧିକ ଘାରିବା ଆରମ୍ଭ କରିଦେଇଛି।

---

**ନବମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ର ହାଣିବା ଘଟଣା**

# ମାଗଣାରେ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୭(ଅନିଲଦାସ)**

ଅନୁଗୋଳରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଦଶମ ଶ୍ରେଣୀ ଛାତ୍ର ହାଣି ଗୁରୁତର ଆହତ କରିବା ଘଟଣା ଜାଣିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ସହିତ ଆଲୋଚନା କରିଛନ୍ତି। ଆହତ ଛାତ୍ରଙ୍କୁ ବିନା ମୂଲ୍ୟରେ ଉତ୍ତମ ଚିକିତ୍ସା ଯୋଗାଇ ଜୀବନ ବଞ୍ଚାଇବା ପାଇଁ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅନୁଗୋଳ ବିଧାୟକ ଆହତ ଛାତ୍ରଙ୍କ ପରିବାରବର୍ଗଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଛାତ୍ରଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ହିମାଂଶୁ ମହାନ୍ତଙ୍କୁ ଏନ୍‌ଟିସିଏ ସମ୍ମାନ

**ଭୁବନେଶ୍ୱର, ୨୯।୭(ଅସମାପିକା ସାହୁ)**

ବନ୍ୟପ୍ରାଣୀ ସଂରକ୍ଷଣ ଏବଂ ଶିକାର ରୋକିବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ(ଏସ୍‌ଟିଆର୍)ରେ କାର୍ଯ୍ୟ କରୁଥିବା ଫରେଷ୍ଟ ଗାର୍ଡ ହିମାଂଶୁ ମହାନ୍ତଙ୍କୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ସମ୍ମାନ ମିଳିଛି। ସୋମବାର ନୂଆଦିଲ୍ଲୀସ୍ଥିତି ଇନ୍ଦିରା ପର୍ଯ୍ୟାବରଣ ଭବନଠାରେ ଅନ୍ତର୍ଜାତୀୟ ବ୍ୟାଘ୍ର ଦିବସ ପାଳନ ଉତ୍ସବରେ ହିମାଂଶୁଙ୍କୁ କେନ୍ଦ୍ର ଜଙ୍ଗଲ, ଜଳବାୟୁ ପରିବର୍ତ୍ତନ ଏବଂ ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଏହି ସମ୍ମାନ ପାଇବା ପରେ ପିସିସିଏଫ୍(ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ ହିମାଂଶୁଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ପାଇଁ ଆମେ ଗର୍ବିତ ବୋଲି କହିଛନ୍ତି। ପିସିସିଏଫ୍ କହିଛନ୍ତି, ହିମାଂଶୁ ଏସ୍‌ଟିଆର୍‌ର ଜଣେ ବହୁତ ଭଲ ବନ କର୍ମଚାରୀ। ଏସ୍‌ଟିଆର୍‌ରେ ବନ୍ୟପ୍ରାଣୀ ଶିକାର ରୋକିବା ଏବଂ ବହୁମୂଲ୍ୟ ଜୀବନ ବଞ୍ଚାଇବାରେ ତାଙ୍କର ଅବଦାନ ପ୍ରଶଂସନୀୟ। ଶିମିଳିପାଳ ଟାଇଗର ପ୍ରୋଟେକ୍ସନ ଫୋର୍ସ(ଏସ୍‌ଟିପିଏଫ୍)ର ସେ ପ୍ରଥମ ଭଲ୍ୟୁଣ୍ଟର ଓ ଅନ୍ୟତମ ସକ୍ରିୟ ସଦସ୍ୟ। ତାଙ୍କ ଅତୁଳନୀୟ ଅବଦାନ ଏବଂ ଅସାଧାରଣ ନେତୃତ୍ୱ ଯୋଗୁ ତାଙ୍କ ଟିମ୍ ଦେଶୀ ବନ୍ଧୁକ ଜବତ କରିବା ଓ ଶିକାରୀଙ୍କୁ ଧରିବାରେ ଏକ ନୂଆ ମାଇଲଖୁଣ୍ଟ ଛୁଇଁଛି। ୯ଟି ବନ୍ୟପ୍ରାଣୀ ମାମଲାରେ ୩୬ଜଣ ଶିକାରୀଙ୍କୁ ଗିରଫ କରିବା ସହିତ ୧୫ ଦେଶୀ ବନ୍ଧୁକ ଏବଂ ଅନ୍ୟ ମାରାତ୍ମକ ଅସ୍ତ୍ର ଜବତ କରାଯାଇଛି। ତାଙ୍କର ନିରନ୍ତର ପ୍ରୟାସ ଯୋଗୁ ଅନେକ ନିରୀହ ଜୀବନ ରକ୍ଷା ପାଇଛି।



ଅତିଥିଙ୍କ ସହ ସମ୍ମାନିତ ତଥା ସମ୍ବର୍ଦ୍ଧିତ ଶିଳ୍ପୀମାନେ।

# 'ଅମର ଯବାନ'ରେ ଶହୀଦ୍‌ଙ୍କୁ ସମ୍ମାନ




ରାଜ୍ୟପାଳ ରଘୁବର ଦାସ ଜଣେ ଶହୀଦ ଯବାନଙ୍କ ଧର୍ମପତ୍ନୀଙ୍କୁ ସମ୍ମାନିତ କରୁଛନ୍ତି।

**ଭୁବନେଶ୍ୱର, ୨୯।୭ (ବନ୍ଦନା ସେଠୀ)**

କାର୍‌ଗିଲ ଯୁଦ୍ଧର ରୌପ୍ୟ ଜୟନ୍ତୀ ସମାରୋହ ଅବସରରେ ଆର୍ମି ୱେଲଫେୟାର ହାଉସିଂ ଅର୍ଗାନାଇଜେଶନ୍ (ଏଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଏକ ସଙ୍ଗୀତଭିତ୍ତିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ 'ଅମର ଯବାନ' ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ରଘୁବର ଦାସ ଯୋଗଦେଇ ମାଟି ମା' ପାଇଁ ଶହୀଦ ହୋଇଥିବା ବୀର ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୀର ଯୋଦ୍ଧାଙ୍କୁ ସମ୍ମାନ ଦେବା ଆମର ପ୍ରାଥମିକ କର୍ତ୍ତବ୍ୟ। ସେମାନଙ୍କ ପରିବାର ପ୍ରତି ମଧ୍ୟ ରାଜ୍ୟ ସରକାର ତଥା ସମସ୍ତ ନାଗରିକଙ୍କର ଦାୟିତ୍ୱ ରହିଛି। ଶହୀଦ ବୀରଙ୍କ ତ୍ୟାଗ ଓ ବୀରତ୍ୱର ଗାଥା ସର୍ବଦା ଆମପାଇଁ ସ୍ମରଣୀୟ ହୋଇ ରହିବା ସହ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ଦେଶର ସେବାରେ ଅଧିକରୁ ଅଧିକ ଯୁବବର୍ଗ ସାମିଲ ହେବାକୁ ଯୁବବର୍ଗ ନିଜକୁ ପ୍ରସ୍ତୁତ କରିବାକୁ ରାଜ୍ୟପାଳ ଦାସ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମହାବୀର ଚକ୍ରରେ ସମ୍ମାନିତ ଓଡ଼ିଶାର ସ୍ୱର୍ଗତ ମେଜର ପଦ୍ମପାଣି ଆଚାର୍ଯ୍ୟଙ୍କ ଧର୍ମପତ୍ନୀ ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା। ଲୋକପ୍ରିୟ କଣ୍ଠଶିଳ୍ପୀ ବିଷ୍ଣୁମୋହନ କବି, ଗୁଡ୍‌ଲି ରଥ, ଲିପ୍‌ସା, କୁଲ୍‌ଦୀପ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିଥିଲେ। ଏଡବ୍ଲ୍ୟୁଏଚ୍ଓର ସଭାପତି ବ୍ରିଗେଡିୟର ଏଲ୍.ସି ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଚାରୁଲତା ଆଚାର୍ଯ୍ୟ, ଲ୍ୟୁଟ୍‌ନାଣ୍ଟ ଜେନେରାଲ ଜେ.କେ. ମହାନ୍ତି, ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଧାରଣାରେ ଉଦ୍ୟାନ ସାଥୀ ସଂଘ

ଭୁବନେଶ୍ୱର, ୨୯।୭(ଅନୁରାଧା ମହାରଣା)– ଉଦ୍ୟାନ ସାଥୀ ସଂଘର ବିଭିନ୍ନ ସମସ୍ୟା ନେଇ ସଦସ୍ୟମାନେ ସୋମବାର ଭୁବନେଶ୍ୱର ଲୋୟର ପିଏମଜିରେ ଧାରଣା ଦେଇଛନ୍ତି। ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁସାରେ, ଉଦ୍ୟାନ ବିଭାଗରେ ୧୨ବର୍ଷ ଧରି ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧୀନରେ କାର୍ଯ୍ୟ କରିଆସୁଥିଲେ ମଧ୍ୟ ସ୍ୱଳ୍ପ ଦରମାରେ କାଳାତିପାତ କରୁଛନ୍ତି। ବିଜେଡି ସରକାର ସମୟରେ ବାରମ୍ବାର ଏନେଇ ସରକାରଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ସଂଘ ଦର୍ଶାଇଛି। ନୂଆ ସରକାର ଉଦ୍ୟାନ ସାଥୀଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ପ୍ରଦାନ କରିବା ସହ ମାସିକ ଦରମା ଲାଗୁ କରିବା ପାଇଁ ଦାବି କରିଛନ୍ତି। ସେହିପରି କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ଅନ୍ତର୍ଭୁକ୍ତ କରିବା ସହ ଇଏସ୍‌ଆଇ ସେବା ଉପଲବ୍ଧ କରାଇବା ପାଇଁ ଦାବି ଉଠାଇଛନ୍ତି। ସେହିପରି ଉଦ୍ୟାନ ସାଥୀଙ୍କୁ ପରିଚୟ ପ୍ରଦାନ ସହ ଦୁର୍ଘଟଣା କିମ୍ବା ମୃତ୍ୟୁକାଳୀନ ବୀମା ଆଦି ଅଧିକାର ପ୍ରଦାନ କରିବା ପାଇଁ ସଂଘର ସଭାପତି ସୁରେଶ ରାଉତରାୟ ଏବଂ ସାଧାରଣ ସମ୍ପାଦକ ସୁନୀଲ କୁମାର ପଟ୍ଟନାୟକ କହିଛନ୍ତି।

## ସଂକ୍ଷେପରେ

### ଏନ୍‌ଆର୍‌ଆର୍‌ଆଇ ପାଳଗଦାରେ ନିଆଁ

କଟକ,୨୯।୭ (କାର୍ତ୍ତିକ ସାହୁ)

ବିଦ୍ୟାଧରପୁରସ୍ଥିତ ରାଷ୍ଟ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ଏନ୍‌ଆର୍‌ଆର୍‌ଆଇ) ପରିସରରେ ଥିବା ପାଳଗଦାରେ ସୋମବାର ସକାଳ ପ୍ରାୟ ୮ଟାରେ ନିଆଁ ଲାଗିଥିଲା। ଅଗ୍ନିକାଣ୍ଡ ସମ୍ପର୍କରେ ସୂଚନା ପାଇବା ପରେ ଚାଉଳିଆଗଞ୍ଜ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ିନାହିଁ। ଏହି ଅଗ୍ନିକାଣ୍ଡରେ ଅନ୍ୟ କୌଣସି କ୍ଷତି ହୋଇନାହିଁ। ତେବେ ଗୋରୁମାନଙ୍କ ନିମନ୍ତେ ରଖାଯାଇଥିବା ପାଳଗଦାରେ କେବଳ ନିଆଁ ଲାଗିଯାଇଥିଲା ବୋଲି ଅଗ୍ନିଶମ ବାହିନୀ ଏବଂ ଏନ୍‌ଆର୍‌ଆର୍‌ଆଇ ପକ୍ଷରୁ ସୂଚନା ଦିଆଯାଇଛି।

### ଶ୍ରୀମଦ୍ ଭାଗବତ ସପ୍ତାହ ଉଦ୍‌ଯାପିତ

ଚୌଦ୍ୱାର,୨୯।୭(ଆଶୁତୋଷ ଦାସ)

ଓଟିଏମ୍ କଲୋନୀସ୍ଥିତ ସତ୍ୟନାରାୟଣ ପଡ଼ିଆରେ ୭ଦିନ ଧରି ଚାଲିଥିବା ଶ୍ରୀମଦ୍ ଭାଗବତ ପାରାୟଣ ପ୍ରବଚନ ଓ ବୈକୁଣ୍ଠ ଚେତନା ସମାରୋହ ସୋମବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରତିଦିନ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଜୀବନାଦର୍ଶ ଆଧାରିତ ବୈକୁଣ୍ଠ ଚେତନା ସମାରୋହ, ଭାଗବତ ପ୍ରବଚନ, ସପ୍ତାହ ପାରାୟଣ ଆଦି ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦ୍‌ଗୁରୁ ବାବା ବୈକୁଣ୍ଠନାଥଙ୍କ ପଟ୍ଟଶିଷ୍ୟ ତଥା ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଚାରକ ବାବା ସତ୍ୟାନନ୍ଦ ଦାସ, ଅମୃତାନନ୍ଦ ଜୀ ମହାରାଜ ଓ କୁନି ପ୍ରବଚକ ଦ୍ୟୁତିକୃଷ୍ଣ କେଶବ ଦାସଙ୍କ ପ୍ରବଚନ ଶୁଣିବାକୁ ପ୍ରତି ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବିଭିନ୍ନ ଦିବସରେ ଅନୁଷ୍ଠିତ ଗୋପଲୀଳା, ମଥୁରା ଲୀଳା, କୃଷ୍ଣ ଜନ୍ମ, ନନ୍ଦୋତ୍ସବ ଆଦି ଗୀତି ଅଭିନୟ ଦର୍ଶକଙ୍କ ମନ ମୋହିଥିଲା। ସଂଯୋଜକ ସନ୍ତୋଷ ଧର, ରାଜକିଶୋର ସାମନ୍ତ, ସଚ୍ଚିଦାନନ୍ଦ ପାଲ, ବିମଳ ବେଉରା, ଶରତ ଖୁଣ୍ଟିଆ, ରାଜକିଶୋର ପ୍ରଧାନ, ବିଭୁତି ଦାସ, ସଚ୍ଚିଦାନନ୍ଦ ପାଲ, ତପନ ରାଉତଙ୍କ ସମେତ ବୈକୁଣ୍ଠନାଥ ଭାଗବତ ପ୍ରଚାର ସମିତି ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବି ପରିସର ସଫେଇ ପାଇଁ ନିର୍ଦ୍ଦେଶ


ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀଙ୍କ ନେତୃତ୍ୱରେ ଏକ ଟିମ୍ ଏସ୍‌ସିବି ମେଡିକାଲରେ ପରିମଳ ବ୍ୟବସ୍ଥା ଅନୁଧ୍ୟାନ କରୁଛି।

କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)

### ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବା ପରେ ସ୍ୱାସ୍ଥ୍ୟ ବିଭାଗର ଯାଞ୍ଚ

ଏସ୍‌ସିବି ମେଡିକାଲ କ୍ୟାମ୍ପସ୍‌ରୁ ହଟୁନି ଆର୍ବଜନା। ମେଡିକାଲ ପରିସରରେ ଠିକ୍ ଭାବେ କାମ କରୁନାହାନ୍ତି ସଫେଇ କର୍ମଚାରୀ। ଅଳିଆ ଆର୍ବଜନା ଓ ପାଣି ଜମି ରହିବା ସହ ବୁଶ୍ କଟିଂ ନ ହେବାରୁ ମେଡିକାଲ ପରିସରରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ପରେ ସୋମବାର ସିଏମ୍‌ସି ସ୍ୱାସ୍ଥ୍ୟ ବିଭାଗର ୧୦ଜଣିଆ ଟିମ୍ ମେଡିକାଲ ପରିସର ଯାଞ୍ଚ କରିଛନ୍ତି। ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ରଙ୍କ ନେତୃତ୍ୱରେ ଏହି ଟିମ୍ ଏସ୍‌ସିବିର ସମସ୍ତ ବିଭାଗ ଓ ଛାତ୍ରନିବାସ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ଏପରିକି ଏସ୍‌ସିବି ପରିସରରେ ଅଳିଆ ଓ ପାଣି ଜମି ରହିବା, ହଷ୍ଟେଲ ପରିସର ସଫା ନ ହେବା ଓ ବୁଶ୍ କଟିଂ ନ ହେବା ଦେଖି ବିରକ୍ତି ପ୍ରକାଶ କରିଛନ୍ତି। ମେଡିକାଲ ସଫେଇ ଦାୟିତ୍ୱରେ ଥିବା ପରିତୋଷ ନାମକ ସଂସ୍ଥାର କର୍ମଚାରୀଙ୍କୁ ତୁରନ୍ତ ସଫେଇ କରିବା ପାଇଁ ସ୍ୱାସ୍ଥ୍ୟ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହାପାତ୍ର କହିଛନ୍ତି, ଏସ୍‌ସିବି କ୍ୟାମ୍ପସରେ ଏବେ ୧୧ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୬ଜଣ ଡାକ୍ତରୀ ଛାତ୍ର ଓ ୫ଜଣ ଅନ୍ୟ ବ୍ୟକ୍ତିବିଶେଷ ରହିଛନ୍ତି। ୩ଜଣଙ୍କର ଭୁବନେଶ୍ୱର ଲିଙ୍କ୍ ରହିଛି ଓ ଜଣେ ନିଜ ଘର ରାଜସ୍ଥାନ ଚାଲିଯାଇଛନ୍ତି। ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ପ୍ରଥମେ ତୁରନ୍ତ ସଫେଇ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସ୍ଥିତି ଠିକ୍ ନ ହେବା ଯାଏ ପ୍ରତିଦିନ ଏହି ଯାଞ୍ଚ ପ୍ରକ୍ରିୟା ଜାରି ରହିବ ବୋଲି ମହାପାତ୍ର କହିଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏସ୍‌ସିବି ସୁପରିଣ୍ଟେଣ୍ଡେଣ୍ଟଙ୍କୁ ତୁରନ୍ତ ସଫେଇ ନେଇ ଚିଠି କରାଯାଇଛି। ଏସ୍‌ସିବି ମେଡିକାଲ ପରିସରରେ ପରିତୋଷ ସଂସ୍ଥାର ୬ଶହରୁ ଅଧିକ କର୍ମଚାରୀ ସଫେଇ ଦାୟିତ୍ୱରେ ରହିଛନ୍ତି। ୪ଟି ସିଫ୍ଟରେ ଏହି କର୍ମଚାରୀମାନେ କାମ କରିଥାନ୍ତି। ଏହାସତ୍ତ୍ୱେ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ଯୋଗୁ ଏବେ ରୋଗୀ ଆତଙ୍କିତ ହୋଇରହିଛନ୍ତି। ଏନେଇ ମେଡିକାଲର ପ୍ରଶାସନିକ ଅଧିକାରୀ ଡା. ଅବିନାଶ ରାଉତ କହିଛନ୍ତି, ଟିମ୍ ଯେଉଁ ନିର୍ଦ୍ଦେଶ ଦେଇଛି ତାହାକୁ ପାଳନ କରାଯିବ ଏବଂ ତୁରନ୍ତ ସଫେଇ ପାଇଁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ତୁରନ୍ତ ଯେପରି ମେଡିକାଲ ପରିସରରୁ ଅଳିଆ ହଟାଯିବ ସେ ନେଇ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ରାଉତ କହିଛନ୍ତି।

### କଟକରୁ ଆଉ ୨ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ

କଟକରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ସୋମବାର ଆଉ ୨ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନୂଆପଡ଼ା ଓ ଅନ୍ୟଜଣେ ବାଲିସାହି ଅଞ୍ଚଳର ବାସିନ୍ଦା। ଆକ୍ରାନ୍ତ ଦ୍ୱୟ ଆନ୍ଧ୍ରପ୍ରଦେଶରୁ କଟକ କିଛିଦିନ ହେବ ଆସିଥିଲେ। ପରେ ଲକ୍ଷଣ ଦେଖାଦେବାରୁ ପରୀକ୍ଷା କରାଇଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମକରନ୍ଦ ବେଉରା କହିଛନ୍ତି, ଉଭୟ ବ୍ୟକ୍ତି ବାହାରୁ ଆସିଥିବାବେଳେ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସୂଚନା ଅନୁଯାୟୀ, କଟକରୁ ୪୯ ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୯ଜଣ କଟକ ସହରରୁ ଏବଂ ୧୦ଜଣ ଜିଲାର ବିଭିନ୍ନ ସ୍ଥାନରୁ ଚିହ୍ନଟ ହୋଇଛନ୍ତି।



ଆଳୁ, ପିଆଜ, ପନିପରିବା ତଥା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷପତ୍ରର ଦର ବୃଦ୍ଧି ପ୍ରତିବାଦରେ ସୋମବାର ଏସ୍‌ୟୁସିଆଇ (ସି) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ଅଭିଯୁକ୍ତ ବିବେକଙ୍କୁ ହାଇକୋର୍ଟରୁ ଜାମିନ

**କ୍ୟାମେରାମ୍ୟାନ୍ ମାନସ ହତ୍ୟା ମାମଲା**

କଟକ,୨୯।୭(କାର୍ତ୍ତିକ ସାହୁ)

ବହୁଚର୍ଚ୍ଚିତ କ୍ୟାମେରାମ୍ୟାନ୍ ମାନସ ସ୍ୱାଇଁ ହତ୍ୟା ମାମଲାର ଅନ୍ୟତମ ଅଭିଯୁକ୍ତ ବିବେକ ନାୟକଙ୍କୁ ସୋମବାର ହାଇକୋର୍ଟ ଜାମିନ ଦେଇଛନ୍ତି। ତେବେ ତଦନ୍ତରେ ସହଯୋଗ କରିବା ସହ ସାକ୍ଷୀମାନଙ୍କୁ ପ୍ରଭାବିତ ନ କରିବା ସମେତ ଅନ୍ୟ କେତେକ ସର୍ତ୍ତ ହାଇକୋର୍ଟ ରଖିଛନ୍ତି।

ପ୍ରକାଶ ଯେ, ୨୦୨୨ରେ ସଂଘଟିତ ଏହି ମାମଲାରେ ଶର୍ମିଷ୍ଠା ରାଉତ, ଝୁନା ଭୋଇ, ନିରଞ୍ଜନ ସେଠୀ ଓ ରଞ୍ଜନ ନାୟକଙ୍କ ବିରୋଧରେ କ୍ରାଇମବ୍ରାଞ୍ଚ ତଦନ୍ତ କରିଥିଲା। ମାନସ ସ୍ୱାଇଁଙ୍କୁ ଅଭିଯୁକ୍ତ ରଞ୍ଜନ ନାୟକ ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନରେ ଥିବା ପଳାଶପୁରରୁ ମାଷ୍ଟରମାଇଣ୍ଡ ଶର୍ମିଷ୍ଠାଙ୍କ କାରରେ ଆଣି ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅଧୀନସ୍ଥ ଦୟାଲ ଆଶ୍ରମକୁ ଆଣି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ନିରଞ୍ଜନ ସେଠୀ ଉକ୍ତ ଆଶ୍ରମରେ ମାନସଙ୍କୁ ଆକ୍ରମଣ କରିଥିଲେ। ମାନସଙ୍କ ମୃତ୍ୟୁ ପରେ ସେମାନେ ମୃତଦେହକୁ ଶର୍ମିଷ୍ଠାଙ୍କ କାରରେ ନେଇ ନୟାଗଡ଼ ଜିଲା ରଣପୁର ଥାନା ଅଞ୍ଚଳରେ ପୋତିଦେଇଥିଲେ। ପରେ ସେମାନେ ଯାଜପୁର ଜିଲାର ଚଣ୍ଡିଖୋଲଠାରୁ ପ୍ରାୟ ୨କିଲୋମିଟର ଦୂର ଦୈତାରୀ – ପାରାଦୀପ ଏକ୍ସପ୍ରେସ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏକ ନିଛାଟିଆ ସ୍ଥାନକୁ ଯାଇଥିଲେ। ସେମାନେ ମାନସଙ୍କ ଦ୍ୱାରା ବ୍ୟବହୃତ ଗୋଟିଏ ମୋବାଇଲ ଇୟର ଫୋନ୍, ହଳେ ଚପଲ, ଅଖା, ଶାଢ଼ି ଆଦି ଜିନିଷ ପୋଡ଼ି ଦେଇଥିଲେ। ମୃତଦେହକୁ ପୋତିବା ପାଇଁ ବ୍ୟବହୃତ କୋଦାଳ ଆଦି ସେମାନେ ସେଠାରେ ଫିଙ୍ଗିଦେଇ ଚାଲିଆସିଥିଲେ।

ତେବେ ମାନସ ସ୍ୱାଇଁ ହତ୍ୟା ଘଟଣାରେ ମୃତକଙ୍କ ପରିବାର ପକ୍ଷରୁ ୨୦୨୨ ଫେବୃଆରୀ ୧୪ରେ ଚାନ୍ଦବାଲି ଥାନାରେ ଅଭିଯୋଗ ହୋଇଥିଲା। ଚାନ୍ଦବାଲି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୋଲିସର ନିଷ୍କ୍ରିୟତାକୁ ଦାୟୀ କରି ମୃତକଙ୍କ ପିତା ପଞ୍ଚାନନ ସ୍ୱାଇଁ ସିବିଆଇ ତଦନ୍ତ କରିବାକୁ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ।


ଜଗତ୍‌ପୁର ପୋଲିସ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ ଟଙ୍କା ଓ ମୋବାଇଲ ଫୋନ୍।

### ନିଖୋଜ କାଉଡ଼ିଆଙ୍କ ମୃତଦେହ ମିଳିଲା

କଟକ,୨୯।୭ (କାର୍ତ୍ତିକ ସାହୁ)

ମହାନଦୀର ଗଡ଼ଗଡ଼ିଆ ଘାଟରେ ରବିବାର ଭାସିଯାଇ ନିଖୋଜ କାଉଡ଼ିଆଙ୍କ ମୃତଦେହ ଚାଉଳିଆଗଞ୍ଜ ଗାନ୍ଧୀପଲ୍ଲୀ ନିକଟରୁ ସୋମବାର ସନ୍ଧ୍ୟାରେ ଉଦ୍ଧାର ହୋଇଛି। ମୃତ ଯୁବକ ହେଲେ ଭୁବନେଶ୍ୱର ପଟିଆ କିଟ୍ ସ୍କୋୟାର ଅଞ୍ଚଳର ସୁଶାନ୍ତ ପାତ୍ରଙ୍କ ପୁଅ ସୌମ୍ୟରଞ୍ଜନ ପାତ୍ର(୨୬) ବୋଲି ଜିଲା ଅଗ୍ନିଶମ ଅଧିକାରୀ ସଞ୍ଜୀବ ବେହେରା କହିଛନ୍ତି। ମୃତଦେହକୁ ପୋଲିସ ଜବତ କରି ଏସ୍‌ସିବି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ରବିବାର ଭାସିଯାଇଥିବା ୨ ଯୁବକଙ୍କ ମଧ୍ୟରୁ ଜଣକୁ ଉଦ୍ଧାର କରାଯାଇଥିଲା। ସେତେବେଳେ ଉଦ୍ଧାର ବ୍ୟକ୍ତିଙ୍କ ନାମ ସୌମ୍ୟରଞ୍ଜନ ପାତ୍ର ବୋଲି କୁହାଯାଇଥିଲା। ମାତ୍ର ଲୋକଙ୍କ ପାଟିତୁଣ୍ଡ ଭିତରେ ପ୍ରକୃତ ନାମ ଜାଣିବାରେ ତ୍ରୁଟି ହୋଇଥିଲା। ପ୍ରକୃତରେ ନିଖୋଜ ବ୍ୟକ୍ତି ସୌମ୍ୟରଞ୍ଜନ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି। ଅଗ୍ନିଶମ ବାହିନୀ ରବିବାର ସନ୍ଧ୍ୟାରୁ ବିଳମ୍ବିତ ରାତି ଯାଏ ମହାନଦୀ ଜଳରେ ବୋଟ ସାହାଯ୍ୟରେ ଖୋଜିଥିଲେ ହେଲେ ତାଙ୍କ ସନ୍ଧାନ ପାଇନଥିଲେ। ପୁଣି ସୋମବାର ସକାଳୁ ସନ୍ଧ୍ୟାଯାଏ ଅଗ୍ନିଶମ ବାହିନୀ ଟିମ୍ ଓ ଓଡ୍ରାଫ୍ ଟିମ୍ ଖୋଜିବାରେ ଲାଗିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ୪୦ରେ ଘଟିଥିଲା ଏହି ଅଘଟଣ। ଗଡ଼ଗଡ଼ିଆ ଘାଟର ତଳ ଆଡ଼କୁ ନଦୀରୁ ପାଣି ଉଠାଇଥିବାବେଳେ ଗୋଡ଼ ଖସିଯାଇ ୨ଯୁବକ ଭାସି ଯାଇଥିଲେ। ଅଗ୍ନିଶମ କର୍ମଚାରୀ ଜଣଙ୍କୁ ଉଦ୍ଧାର କରିଥିଲେ। ଅନ୍ୟ ଜଣେ ନଦୀରେ ଭାସିଯାଇଥିଲେ। ରାତି ଯାଏ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ବି ପତ୍ତା ମିଳିପାରିନଥିବା ଜିଲା ଅଗ୍ନିଶମ ଅଧିକାରୀ ବେହେରା କହିଛନ୍ତି।

# ତାର ଚୋରି ଅଭିଯୋଗରେ ୨ ଅଟକ

ଚୌଦ୍ୱାର,୨୯।୭(ଆଶୁତୋଷ ଦାସ)

ଚୌଦ୍ୱାର ପୋଲିସ ପୌର ପାଳିକା ୧୭ ନଂ. ୱାର୍ଡ଼ ନୂଆ ସାହି ଅଞ୍ଚଳରେ ଚଢ଼ାଉ କରି ବିପୁଳ ପରିମାଣର ଚୋରି ବିଦ୍ୟୁତ୍ ତାର ଜବତ କରିଛି। ଏହି ଘଟଣାରେ ପୋଲିସ ୨ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ବିଶେଷସୂତ୍ରରୁ ଖବରପାଇ ରବିବାର ବିଳମ୍ବିତ ରାତିରେ ପୋଲିସ ନୂଆ ସାହିସ୍ଥିତ ଗୋଟିଏ କବାଡ଼ି ଦୋକାନରେ ଚଢ଼ାଉ କରିଥିଲା। ସେଠାରୁ ବିପୁଳ ପରିମାଣର ବିଦ୍ୟୁତ୍ କେବୁଲ ତାର ଜବତ କରିବା ସହିତ ଏକ ଟାଟା ଏସ୍ଇ ଗାଡ଼ିକୁ ଜବତ କରିଥିଲେ। ଅଞ୍ଚଳରେ ନିୟମିତ ଭାବେ ବଦ୍ୟୁତ୍ ତାର ଚୋରି ଜାରି ରହିଥିବାରୁ ଏଥିରେ ବହୁ ଲୋକଙ୍କ ସମ୍ପୃକ୍ତି ଥିବା ଆଇଆଇସି ବିଶ୍ୱରଞ୍ଜନ ସାହୁ ସୂଚନା ଦେଇଛନ୍ତି।

# ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନା ଛାତରୁ ଗଳୁଛି ପାଣି, ଖସୁଛି ପ୍ଲାଷ୍ଟର

ଖୁଣ୍ଟୁଣୀ,୨୯।୭(ସଚ୍ଚିଦାନନ୍ଦ ପଣ୍ଡା)

୫୫ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅବସ୍ଥାପିତ ସର୍ବପୁରାତନ ଖୁଣ୍ଟୁଣୀ ସରକାରୀ ଡାକ୍ତରଖାନା ରୋଗୀ ସେବା ଗୃହରୁ ପାଣି ଗଳୁଛି। ଫଳରେ ଦୈନନ୍ଦିନ ବିଭିନ୍ନ ପଞ୍ଚାୟତରୁ ଏହି ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି। ଗତ ୫ ବର୍ଷ ହେବ ବର୍ଷା ଆସିବା ମାତ୍ରେ ଛାତରୁ ପାଣି ସୋକ କରି ଘର ଓ ବାରଣ୍ଡା ଜଳାର୍ଣ୍ଣବ ହେଉଛି। ସରକାରୀ ନିୟମ ଅନୁଯାୟୀ, ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଗ୍ରାମ ଉନ୍ନୟନ ବିଭାଗର ଓ ବିଡିଓ ଏହାର ତଦାରଖ ଦାୟିତ୍ୱରେ ଅଛନ୍ତି। ପ୍ରତିବର୍ଷ ଏପରି ପରିସ୍ଥିତି ହେଉଥିଲେ ମଧ୍ୟ କୌଣସି ବିଭାଗୀୟ ଅଧିକାରୀ ଏହି ଡାକ୍ତରଖାନା ଗୃହ ପ୍ରତି ନଜର ଦେଉ



ନ ଥିବା ସାଧାରଣରେ ଅଭିଯୋଗ ହେଉଛି। ରାଜ୍ୟଠାରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱାସ୍ଥ୍ୟସେବାକୁ ଅଧିକ ଗୁରୁତ୍ୱ ଦେଇ ଏଥିପାଇଁ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ସହରାଞ୍ଚଳଠାରୁ ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟାବସ୍ଥା ଯେ କେତେ ବିପର୍ଯ୍ୟସ୍ତ ତାହା ପ୍ରତ୍ୟକ୍ଷଦର୍ଶୀ ନ ଦେଖିଲେ ଜାଣି ପାରିବେ ନାହିଁ। ଏହି ଡାକ୍ତରଖାନାକୁ ୩୦ ଶଯ୍ୟା ବିଶିଷ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରିଣତ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ୪୦ ବର୍ଷ ଧରି ଆନ୍ଦୋଳନ ଚାଲୁ ରହିଛି। ସାମାଜିକ କର୍ମୀ ଗୌରହରି ମହାନ୍ତି ଆତ୍ମାହୁତି ଦେବାକୁ ଉଦ୍ୟମ କରିଥିଲେ। ଖୁଣ୍ଟୁଣୀ ଡାକ୍ତରଖାନା ଜାତୀୟ ରାଜପଥଠାରୁ ମାତ୍ର ୩୦ ମିଟର ଦୂର ରାଜପଥରେ ଦୁର୍ଘଟଣା ହେଲେ ତୁରନ୍ତ ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ଦୀର୍ଘ ୮୦ ବର୍ଷ ମଧ୍ୟରେ ହୋଇ ପାରିଲା ନାହିଁ। ଏଥିପାଇଁ ପ୍ରଥମେ ଖୁଣ୍ଟୁଣୀ ଆଞ୍ଚଳିକ ସ୍ୱାସ୍ଥ୍ୟସେବା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୯୮୦ ମସିହାରେ ସାମାଜିକ କର୍ମୀ ସଚ୍ଚିଦାନନ୍ଦ ପଣ୍ଡା ଅନଶନ ପାଇଁ ନୋଟିସ ଦେବାରେ ତୁରନ୍ତ ଏହାକୁ ଅପଗ୍ରେଡେଶନ କରିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶ ପାଇ ଏହି ବିଲ୍ଡିଂ ନିର୍ମାଣ କରିଥିଲେ। ମାତ୍ର ୪୪ ବର୍ଷ ମଧ୍ୟରେ ଏହି ଘର ଛାତରୁ ପାଣି ଗଳୁଥିବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ତୁରନ୍ତ ଏହି ଛାତ ଗ୍ରିଟିଂ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ଆଠଗଡ଼ ବିଡିଓ ପ୍ରଦୀପ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରୁ ସେ ଏହି ଛାତରୁ ପାଣି ଗଳୁଥିବାର ଖବର ପାଇଛନ୍ତି। ଖୁବ୍‌ଶୀଘ୍ର ଏହାର ସ୍ଥାୟୀ ମରାମତି କରାଯିବ ବୋଲି ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

# ଶିଶୁପୁତ୍ରକୁ କୂଅରେ ପକାଇ ମାରିବା ଘଟଣାର ତଦନ୍ତ

ନରସିଂହପୁର,୩୦।୭
(ନିରଞ୍ଜନ ଦେବକୁମାର)

କଟକ ଜିଲା ନରସିଂହପୁର ଥାନା ଅଧୀନ ସୁବଳୟା ଗ୍ରାମରେ ୭ ମାସର ଶିଶୁପୁତ୍ରକୁ କୂଅରେ ପକାଇ ମାରିଦେବା ଘଟଣାର ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ହତ୍ୟା ମାମଲା (ନଂ.୧୫୦/୨୪) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଛି। ରବିବାର ରାତି ପ୍ରାୟ ୮ଟା ବେଳେ ସୁବଳୟା ଗ୍ରାମର ଚିତ୍ତରଞ୍ଜନ ନାୟକଙ୍କ ସ୍ତ୍ରୀ ପୂଜା ସ୍ୱାଇଁ ଶିଶୁପୁତ୍ରକୁ ଧରି ଘର ବାରଣ୍ଡାରେ ଶୋଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ଶିଶୁପୁତ୍ରକୁ ଉଠାଇ ଘର ବାରିପଟେ ଥିବା କୂଅକୁ ଫିଙ୍ଗି ଦେଇଥିଲେ। କିଛିସମୟ ପରେ ପୂଜାଙ୍କ ନିଦ ଭାଙ୍ଗିବା ପରେ ଶିଶୁପୁତ୍ରକୁ ପାଖରେ ନ ପାଇ ଖୋଜାଖୋଜି କରିଥିଲେ। ପରେ ଗ୍ରାମବାସୀଙ୍କ ସହାୟତାକ୍ରମେ ବାରିପଟ କୂଅରୁ ଶିଶୁଟିକୁ ଉଦ୍ଧାର କରି ନରସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଶିଶକୁ ଡାକ୍ତର ମୃତ ଘୋଷଣା କରିଥିଲେ। ପାରିପାର୍ଶ୍ୱିକ ତଦନ୍ତ ଓ ଗ୍ରାମବାସୀଙ୍କ ବୟାନକୁ ଭିତ୍ତିକରି ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଦୋଷୀ ଧରାପଡିବେ ବୋଲି ନରସିଂହପୁର ଥାନା ଅଧିକାରୀ ବିକ୍ରମ କେଶରୀ ଜେନା ସୂଚନା ଦେଇଛନ୍ତି।

### ରୋଗୀଙ୍କୁ ଖାଦ୍ୟ ଯୋଗାଉଥିବା ସଂସ୍ଥା ପାଇନି ୩ ମାସର ପାଉଣା

କଟକ,୨୯।୭(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ରୋଗୀଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ଉକ୍ତ ସଂସ୍ଥା ରୋଗୀଙ୍କୁ ଦିନକୁ ତିନିଥର ଖାଦ୍ୟ ପ୍ରଦାନ କରୁଛି। ଦିନକୁ ପ୍ରାୟ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏ ବାବଦରେ ମାସକୁ ପ୍ରାୟ ୭୭ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ଏସ୍‌ସିବି ପକ୍ଷରୁ ଗତ ୩ମାସ ହେବ ପାଉଣା ଦିଆଯାଇ ନ ଥିବା ଉକ୍ତ ସଂସ୍ଥା ଅଭିଯୋଗ ଆଣିଛି। ବକେୟା ଟଙ୍କା ପ୍ରାୟ ଅଢ଼େଇ କୋଟି ଟଙ୍କା ହେଲାଣି। ଏନେଇ ଉକ୍ତ ସଂସ୍ଥା ଚିଠି ଲେଖି ଏସ୍‌ସିବି କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ରୋଗୀଙ୍କ ଖାଦ୍ୟ ତାଲିକାରେ ପ୍ରଭାବ ପଡ଼ିବା ନେଇ ସମ୍ଭାବନା ରହିଛି। ଏଥିପ୍ରତି ଏସ୍‌ସିବି କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

### ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା : ଗଣଶିକ୍ଷାମନ୍ତ୍ରୀଙ୍କୁ ଦାବିପତ୍ର

ବାଙ୍କୀ, ୨୯।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର )

ଡମପଡ଼ା ବ୍ଲକରେ ସ୍ଥାପିତ ଆଦର୍ଶ ବିଦ୍ୟାଳୟ ଅବ୍ୟବସ୍ଥା ଘେରରେ ଚାଲିଛି। ଏଠାରେ ଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ବାଙ୍କୀ ବୁଦ୍ଧିଜୀବୀ ପରିଷଦର ସମ୍ପାଦକ ଆଇନଜୀବୀ ପ୍ରଦୀପ କୁମାର ପଟ୍ଟନାୟକ ରାଜ୍ୟ ସ୍କୁଲ ଓ ଗଣ ଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପଠାଇଛନ୍ତି। ଏଥିରେ ଦର୍ଶାଯାଇଛି, ବର୍ତ୍ତମାନ ସୁଦ୍ଧା ବିଦ୍ୟାଳୟରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି ହୋଇନାହାନ୍ତି। ଅନେକ ଦିନ ହେବ ଛାତ୍ରୀ ନିବାସ ନିର୍ମାଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ଚାଲୁ କରାଯାଉ ନାହିଁ । ସେଠାରେ ଯୁକ୍ତ ୨ ବିଜ୍ଞାନ ଷ୍ଟ୍ରିମ ଖୋଲାଯାଇଥିଲେ ମଧ୍ୟ ପଦାର୍ଥ ବିଜ୍ଞାନ ଓ ରସାୟନ ବିଦ୍ୟା ବିଭାଗରେ ଅଧ୍ୟାପକ ନିଯୁକ୍ତି ହୋଇନାହାଁନ୍ତି । ଅସ୍ଥାୟୀ ଭାବେ ଯେଉଁମାନେ ଦାୟିତ୍ୱରେ ଥିଲେ ସେମାନେ କାର୍ଯ୍ୟରୁ ଅପସରି ଯାଇଛନ୍ତି । ବିଦ୍ୟାଳୟର ଚାରିପାଖରେ ପାଚେରି ନ ଥିବାରୁ ପ୍ରତିବର୍ଷ ଯେଉଁ ଚାରାରୋପଣ କରାଯାଉଛି ତାହା ବଞ୍ଚାଇ ହେଉ ନାହିଁ । ଏ ସବୁ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଛି।


କଟକ ମହାନଦୀସ୍ଥିତ ଗଡ଼ଗଡ଼ିଆ ଘାଟରେ ସୋମବାର ଅଳିଆ ଆବର୍ଜନା ପଡ଼ିଛି।

# ବସ୍ତି ମାନ୍ୟତା ପାଇଁ ଜିଲାପାଳଙ୍କୁ ପୌର ପରିଷଦର ସୁପାରିସ

ଚୌଦ୍ୱାର/ମଙ୍ଗୁଳି– ଜଗତପୁର,୨୯।୭
(ଆଶୁତୋଷ ଦାସ/ମାନସ ସାମଲ)

ଦୀର୍ଘ ୭୦ ବର୍ଷ ଧରି ଚୌଦ୍ୱାର ପୌରପାଳିକାର ୮ନଂ. ୱାର୍ଡର ଦୁର୍ଗା ବଜାର ଓ ମୁଣ୍ଡା ସାହିରେ ରହି ଆସୁଥିବା ଅଧିବାସୀଙ୍କୁ ସହରାଞ୍ଚଳ ବସ୍ତି ଯୋଜନାରେ ସାମିଲ କରିବା ପାଇଁ ଚୌଦ୍ୱାର ପୌର ପରିଷଦ ପକ୍ଷରୁ ଜିଲାପାଳଙ୍କୁ ସୁପାରିସ କରାଯାଇଥିବାରୁ ଉକ୍ତ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି। ଏହି ବସ୍ତିଗୁଡ଼ିକ ବସ୍ତି ଯୋଜନାରେ ସାମିଲ ହେବାର ଆଶା ଉଜ୍ଜୀବିତ ହୋଇଥିବା ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଦୁର୍ଗାବଜାର ବସ୍ତି ଉନ୍ନୟନ କମିଟି ସଦସ୍ୟ ସୂଚନା ଦେଇଛନ୍ତି। କମିଟି ସଦସ୍ୟମାନେ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଯିବେ ବୋଲି ସୂଚନା ଦେଇଛନ୍ତି। ସ୍ଥାନୀୟ ଦୁର୍ଗା ବଜାର ଦୁର୍ଗା ମଣ୍ଡପରେ କମିଟି ସମ୍ପାଦକ ନବକିଶୋର ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ।


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ଅତିଥି।

କାର୍ଯ୍ୟକ୍ରମରେ କମିଟି ମୁଖ୍ୟ ଉପଦେଷ୍ଟା ତଥା ଭାଜପା ନେତା ସନ୍ତୋଷ ମହାନ୍ତି ଅତିଥି ଭାବେ ଯୋଗଦେଇ କହିଥିଲେ, ଉକ୍ତ ବସ୍ତିରେ ଆଜକୁ ଦୀର୍ଘବର୍ଷ ଧରି ଲୋକେ ବସବାସ କରିଆସୁଥିଲେ ହେଁ ରାଜ୍ୟ ସରକାରଙ୍କ ବସ୍ତିବାସିନ୍ଦା ତାଲିକାରେ ସାମିଲ ହୋଇପାରି ନ ଥିଲେ। ଫଳରେ ବସ୍ତିବାସିନ୍ଦା ଅବହେଳିତ ହୋଇ ପଡ଼ି ରହିଥିଲେ। ଉକ୍ତ ବସ୍ତି ୨ଟିକୁ ସହରାଞ୍ଚଳ ବସ୍ତିବାସିନ୍ଦା ତାଲିକାରେ ସାମିଲ କରାଯିବାକୁ ଉପଦେଷ୍ଟା ମହାନ୍ତି ଓ କମିଟି ସଦସ୍ୟ ତଥା ସ୍ଥାନୀୟ କାଉନସିଲର ବାରମ୍ବାର ପୌରପାଳିକାରେ ଦାବି କରିଥିଲେ। ଏଠାରେ ସୂଚନାଯୋଗ୍ୟ, ୧୯୮୬ ମସିହାରୁ ଉକ୍ତ ବସ୍ତି ଅଞ୍ଚଳରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ କ୍ଲବ ଗୃହ, ୨ଟି ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟୁତ୍, ଜଳ ଯୋଗାଣ ସହିତ ପ୍ରାୟ ୮୨ ଭାଗ ରାଶନ କାର୍ଡଧାରୀ ରହିଥିବା ସୂଚନା ମିଳିଛି। ତେବେ ୨ଟି ବସ୍ତିକୁ ସାମିଲ କରାଯିବା ପାଇଁ ନିକଟରେ ପୌର ପରିଷଦ ବୈଠକରେ ପ୍ରସ୍ତାବ ପାରିତ କରାଯାଇ ପୌରପାଳିକା ପକ୍ଷରୁ ଚିଠି ସଂଖ୍ୟା ୨୩୩୬/୨୪ରେ କଟକ ଜିଲାପାଳଙ୍କୁ ବସ୍ତିର ମାନ୍ୟତା ନିମନ୍ତେ ସୁପାରିସ କରାଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଛି। କମିଟି ସଭାପତି ଜୀବନ ବଳ, ନିରଞ୍ଜନ ନାୟକ, ବ୍ରହ୍ମାନନ୍ଦ ମହାରଣା, ପ୍ରମୋଦ ସାହୁ, ବିଧାନ ମହାରଣା,ଝୁନୁରାଣୀ ଦାସ, ସୁବାସ ବାରିକ, ମେନକା ନାୟକ, ରାଜା ବଦ୍ରା, ରେଣୁବାଳା ସ୍ୱାଇଁଙ୍କ ସମେତ ବହୁ ବସ୍ତିବାସିନ୍ଦା ଏଥିରେ ଉପସ୍ଥିତ ଥିଲେ।




୨୯।୭।୨୦୨୪

| ୪,୦୯,୦୫୧ ଟଙ୍କା | |
|---|---|
| ସୁନା | ୩ ଗ୍ରାମ୍ |
| ରୁପା | ୩୩.୧୦୦ ଗ୍ରାମ୍ |

# ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କଲେ କାଉଡ଼ିଆ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଶ୍ରାବଣ ଦ୍ୱିତୀୟ ସୋମବାରରେ ରାଜ୍ୟର ଅନ୍ୟତମ ପ୍ରମୁଖ ଶୈବପୀଠ ପୁରୀସ୍ଥିତ ଶ୍ରୀଲୋକନାଥଙ୍କ ପୀଠରେ ସହସ୍ରାଧିକ କାଉଡ଼ିଆ ଜଳଲାଗି କରିଛନ୍ତି। ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ ସହ ବିଭିନ୍ନ ବ୍ୟବସ୍ଥା କରାଯାଇଥିଲା।

ଚଳିତ ବର୍ଷ ପ୍ରତି ଟିକେଟ ମୂଲ୍ୟ ୩୦ଟଙ୍କା ରହିଛି। ରବିବାର ମଧ୍ୟରାତ୍ରରୁ ମନ୍ଦିର ଦ୍ୱାର ଖୋଲାଯାଇ ନୀତି ଆରମ୍ଭ ହୋଇଥିଲା। ସୋମବାର ଭୋରରୁ ମଙ୍ଗଳ ଆଳତି, ମଇଲମ, ଅବକାଶ ସହ ବିଶେଷ ନୀତି ସମ୍ପନ୍ନ ପରେ ଜଳଲାଗି ଆରମ୍ଭ ହୋଇଥିଲା। ମାନସିକ ପୂରଣ ଉଦ୍ଦେଶ୍ୟରେ ହଜାର ହଜାର କାଉଡ଼ିଆ କାନ୍ଧରେ ଜଳଭାର ନେଇ ବାବା ଲୋକାନାଥଙ୍କ ନିକଟରେ ଜଳଲାଗି କରିଥିଲେ। ବୋଲବମ ଏବଂ ହର ହର ମହାଦେବ ଧ୍ୱନିରେ ପରିବେଶ କମ୍ପିଉଠିଥିଲା। ଶ୍ରୀକ୍ଷେତ୍ରରେ ଶିବମୟ ପରିବେଶ ସୃଷ୍ଟି ହୋଇଥିଲା। ମହାଦେବଙ୍କ ପାଖରେ ଜଳ ଲାଗି କଲେ ଅକ୍ଷୟ ଐଶ୍ୱର୍ଯ୍ୟ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ରହିଛି। କାଉଣ୍ଟରରୁ ୩୦ ଟଙ୍କାର ଟିକେଟ ନେଇ କାଉଡ଼ିଆମାନେ ଧାଡ଼ି ବାନ୍ଧି ବ୍ୟାରିକେଡ୍‌ରେ ଯାଇ ରୋଷଘର ପଛପାର୍ଶ୍ୱ ପଟୁ ମନ୍ଦିର ପ୍ରବେଶ କରିବା ସହ ଲକ୍ଷ୍ମୀଦ୍ୱାର ନିକଟରେ ଜଳଲାଗି କରି ଫେରିଥିଲେ। ପୋଲିସ ପକ୍ଷରୁ ମନ୍ଦିର ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରଶାସନ ପକ୍ଷରୁ ଅସ୍ଥାୟୀ ଶେଡ୍, ପାନୀୟଜଳ ଆଦି ବ୍ୟବସ୍ଥା ହୋଇଥିଲା।


ଜଳଲାଗି ନିମନ୍ତେ କାଉଡିଆମାନେ ବ୍ୟାରିକେଡ୍‌ରେ ଧାଡିବାନ୍ଧି ଠିଆ ହୋଇଛନ୍ତି ।

# ଭକ୍ତଙ୍କ ସୁବିଧା ଦର୍ଶନ ନିମନ୍ତେ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନାଟମଣ୍ଡପ ମଝିସ୍ଥାନରେ ସମସ୍ତ ଭକ୍ତଙ୍କୁ ଦର୍ଶନ ସୁବିଧା ମିଳିବା ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରି ସାମାଜିକ କର୍ମୀ ଦିଲୀପ ବରାଳଙ୍କ ସମେତ କେତେଜଣ ଭକ୍ତ ସୋମବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରତ୍ୟେକ ଦିନ ଶ୍ରୀମନ୍ଦିରକୁ ଭକ୍ତମାନେ ଯାଉଛନ୍ତି। ତେବେ ନାଟମଣ୍ଡପ ମଝିସ୍ଥାନକୁ ଷ୍ଟିଲ ବ୍ୟାରିକେଡ ଦ୍ୱାରା ଆବଦ୍ଧ କରାଯାଇ ତାଲା ପକାଇ ରଖାଯାଇଛି। ଉକ୍ତ ମଝି ସ୍ଥାନରେ କାଠ ପିଣ୍ଡି ପକାଯାଇଛି। ଯେଉଁ ସମୟରେ ଭିଆଇପି ବ୍ୟକ୍ତି ଓ ତାଙ୍କ ପରିବାର ଲୋକେ ଶ୍ରୀବିଗ୍ରହଙ୍କ ଦର୍ଶନ ନିମନ୍ତେ ଆସୁଛନ୍ତି, ସେହି ସମୟରେ ବ୍ୟାରିକେଡ୍ ତାଲା ଖୋଲାଯାଇ ସେଠାରୁ ସେମାନଙ୍କୁ ଦର୍ଶନ ଯୋଗାଇ ଦିଆଯାଉଛି। ମାତ୍ର ସାଧାରଣ ଭକ୍ତ ନାଟମଣ୍ଡପ ମଝିରୁ ଦର୍ଶନ ସୁବିଧା ପାଇପାରୁନାହାନ୍ତି। ନାଟମଣ୍ଡପ ବାହାର କାଠ ନିକଟରେ ପ୍ରବଳ ଗହଳି ହେଉଛି। ଏପରିକି ଅନେକ ସମୟରେ ଦଳାଚକଟା ପରିସ୍ଥିତି ଉପୁଜୁଛି। ଶ୍ରୀବିଗ୍ରହଙ୍କ ଦର୍ଶନ ନିମନ୍ତେ ଆସୁଥିବା ଲକ୍ଷ ଲକ୍ଷଙ୍କ ଭକ୍ତ ଯେପରି ମହାପ୍ରଭୁଙ୍କୁ ସୁବିଧାରେ ଦର୍ଶନ କରିପାରିବେ ସେଥିପାଇଁ ନାଟମଣ୍ଡପର ଉକ୍ତ ମଝିଯାଗାକୁ ସବୁବେଳେ ସମସ୍ତ ଖୋଲା ରଖାଯିବାର ଆବଶ୍ୟକତା ରହିଛି। ତେଣୁ ଭକ୍ତଙ୍କ ସୁବିଧା ନିମନ୍ତେ ଜିଲାପାଳ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ନିବେଦନ କରାଯାଇଛି।

# ନୟାହାଟ କଲେଜର ପ୍ରତିଷ୍ଠା ଦିବସ



ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

ନୟାହାଟ/ଯୋଗେଶ୍ୱରପୁର,୨୯।୭ (ମହମ୍ମଦ ସମସୁଲ ଆରଫିନ/ ରଶ୍ମିରଞ୍ଜନ ସାହୁ)

ନୟାହାଟ କଲେଜର ୩୪ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। ପ୍ରତିଷ୍ଠା ଉତ୍ସବରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୋଳାନାଥ ପାତ୍ର ଅଧ୍ୟକ୍ଷତା କରିଥିଲେ। ଅଧ୍ୟାପକ ଶୁକଦେବ ନାୟକ, ରାଜ କିଶୋର ଦାଶ, ଅଧ୍ୟାପିକା ବବିତା ମାଝୀ, ଭାବଗ୍ରାହୀ ଜେନା, ପରେଶ ପ୍ରଧାନ, ଅଜିତ୍ କୁମାର ନାୟକ, ଜିତେନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନକୁ ପ୍ରତିଷ୍ଠା କରିଥିବା ବ୍ୟକ୍ତିଙ୍କୁ ପ୍ରଶଂସା କରିବା ସହିତ ବିଦ୍ୟାଳୟର କୃତିତ୍ୱ ଓ ଗାରିମା ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଇଂଲିଶ ବିଭାଗ ଅଧ୍ୟାପକ ତଥା ପ୍ରଶାସନିକ ଅଧିକାରୀ ରତିକାନ୍ତ ଦାସ ଉତ୍ସବକୁ ପରିଚାଳନା କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରୀଛାତ୍ରୀ, କର୍ମଚାରୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ବଳାତ୍କାର ଉଦ୍ୟମ ଅଭିଯୁକ୍ତଙ୍କୁ ଧରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

ଯୋଗେଶ୍ୱରପୁର,୨୯।୭(ରଶ୍ମି ରଞ୍ଜନ ସାହୁ)

ପ୍ରାୟ ୪୫ ଦିନ ହେବ ଗୋପ ଅଞ୍ଚଳର ଜଣେ ହରିଜନ ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିବା ଘଟଣାରେ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ମଧ୍ୟ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିପାରୁ ନାହିଁ। ଏନେଇ ମହିଳାଙ୍କ ପରିବାର ବର୍ଗ ସୋମବାର ଜିଲାପାଳଙ୍କୁ ଭେଟିଛନ୍ତି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅଧୀନ ଜଣେ ହରିଜନ ମହିଳାଙ୍କୁ ଦିଶୁଣ୍ଡି ଗ୍ରାମର ପ୍ରକାଶ ରାଉତ ପାନ ବରଜ ଭିତରେ ବଳାତ୍କାର କାରିବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ମହିଳା ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ମାମଲା ରୁଜୁ ହେବା ପରେ ନିମାପଡ଼ା ଡିଏସ୍‌ପି ପ୍ରଭାତ କୁମାର ମଲ୍ଲିକ ଓ ପୁରୀରୁ ଆସିଥିବା ଜଣେ ମହିଳା ଡିଏସ୍‌ପି ଯସ୍ମିନ ଗୁରିଆ ଉକ୍ତ ଗ୍ରାମକୁ ଯାଇ ପଚରାଉଚରା କରିଥିଲେ। ମହିଳା ଓ ତାଙ୍କ ପରିବାର ଗୋପ ବ୍ଲକଠାରେ ଚାଲିଥିବା ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲାପାଳଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଥିଲେ। ଏହା ପରେ ପୁରୀ ଜିଲାପାଳ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଅଧ୍ୟାପକ ସୂର୍ଯ୍ୟ ନାରାୟଣଙ୍କ ବିୟୋଗ

ସାକ୍ଷୀଗୋପାଳ,୨୯।୭(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

ସୁରଜ ମଲ୍ଲ ସାହା ମହାବିଦ୍ୟାଳୟ, ପୁରୀରେ ଅଧ୍ୟାପକ ରୂପେ କାର୍ଯ୍ୟରତ ସୂର୍ଯ୍ୟ ନାରାୟଣ ପଟ୍ଟନାୟକଙ୍କ ପରଲୋକ ଘଟିଛି। ରବିବାର ବିଳମ୍ବିତ ରାତ୍ରିରେ ତାଙ୍କ ଦେହ ହଠାତ୍ ଖରାପ ହୋଇଯାଇଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଧିକ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ମାତ୍ର ରାସ୍ତାରେ ତାଙ୍କର ପରଲୋକ ଘଟିଛି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ପୁତ୍ର ସମ୍ବିତ କୁମାର ପଟ୍ଟନାୟକ ମୁଖାଗ୍ନି ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ସ୍ୱର୍ଗତ ପଟ୍ଟନାୟକଙ୍କ ସହକର୍ମୀ, ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଶେଷ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସ୍ୱର୍ଗତ ପଟ୍ଟନାୟକଙ୍କ ବିୟୋଗରେ ସୋମବାର ସାକ୍ଷୀଗୋପାଳ ବଜାର ବନ୍ଦ ରହିଥିଲା।


ରୋଟାରୀ କ୍ଲବ ଅଫ୍ ଶ୍ରୀ ଜଗନ୍ନାଥ ଧାମ, ପୁରୀର ୨୪ତମ ଅଧିଷ୍ଠାନ ଉତ୍ସବରେ ଅତିଥି ଏବଂ କ୍ଲବର କର୍ମକର୍ତ୍ତାମାନେ ।

# ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମର ୨୪ତମ ଅଧିଷ୍ଠାନ ଉତ୍ସବ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ରୋଟାରୀ କ୍ଲବ ଅଫ୍ ଶ୍ରୀ ଜଗନ୍ନାଥ ଧାମ, ପୁରୀର ୨୪ତମ ଅଧିଷ୍ଠାନ ଉତ୍ସବ ରବିବାର ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ରୋଟରୀ ଜିଲା ୩୨୬୨ର ଆସନ୍ତା ୨୦୨୬-୨୭ ମସିହାର ପ୍ରାନ୍ତପାଳ ଅନିଲ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ରୋଟାରୀଆନମାନଙ୍କ ସହଯୋଗ ଓ ଭୂମିକା ବିଷୟରେ ଆଲୋକପାତ କରିଥିଲେ। ନିଜ ଜୀବନରେ ଓ କାର୍ଯ୍ୟରେ ରୋଟାରୀ କ୍ଲବର ସକାରାତ୍ମକ ପ୍ରଭାବ ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ସୁବ୍ରତା ସାମଲ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଉପପ୍ରାନ୍ତପାଳ ଧବଳେଶ ମହାପାତ୍ର ମୁଖ୍ୟବକ୍ତା ଭାବେ କ୍ଲବ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ସଭାପତି ଦେବଦତ୍ତ ଷଡ଼ଙ୍ଗୀ ଓ ସମ୍ପାଦକ ପୀତାମ୍ବର ମହାପାତ୍ର ସଭାରେ ୨୦୨୩-୨୪ବର୍ଷର ସେବାକାର୍ଯ୍ୟ ବିବରଣୀ ପ୍ରଦାନ କରିଥିଲେ। ନୂତନ ସଭାପତି କୈଳାସ ଚନ୍ଦ୍ର ବେହେରା ଓ ସମ୍ପାଦିକା ସୁଷମା ମିଶ୍ରଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ସଭାପତି ଓ ସମ୍ପାଦକ ପୁଷ୍ପଗୁଚ୍ଛ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ। ନୂତନ ସଭାପତି ବେହେରା ଆଗାମୀ ଦିନରେ କ୍ଲବ୍ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମର ଖସଡ଼ା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଅନ୍ୟ କର୍ମକର୍ତ୍ତାମାନଙ୍କୁ ପରିଚୟ କରାଇଥିଲେ। ସଭାରେ ପୂର୍ବତନ ପ୍ରାନ୍ତପାଳ ପ୍ରଭୁଦ ସୁବୁଦ୍ଧି ଓ ପୂର୍ବତନ ସଭାପତି ରାଜକିଶୋର ପାତ୍ର ଉପସ୍ଥିତ ଥିଲେ। ରୋଟାରୀଆନ ମନୋଜ କୁମାର ପାଣିଗ୍ରାହୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରୋଟାରୀ କ୍ଲବ ଅଫ୍ ଶ୍ରୀଜଗନ୍ନାଥ ଧାମର ସଦସ୍ୟା ସଦସ୍ୟ ଏବଂ ଇନର ହୁଇଲ କ୍ଲବର ସଦସ୍ୟାମାନେ ଉପସ୍ଥିତ ଥିଲେ।

# ନବଜାତ ଶିଶୁପୁତ୍ରକୁ ଉଦ୍ଧାର କଲେ କାଉଡ଼ିଆ

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

**ସିଦ୍ଧମହାବୀର ରେଳଫାଟକ ପାଖ ଅଳିଆଗଦାରେ ପଡ଼ିରହିଥିଲା**

ସିଦ୍ଧମହାବୀର ରେଳଫାଟକ ନିକଟସ୍ଥ ଏକ ଅଳିଆଗଦାରୁ ଜଣେ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ସୋମବାର କାଉଡ଼ିଆମାନେ ଏହି ଶିଶୁପୁତ୍ରକୁ ଉଦ୍ଧାର କରି ପୋଲିସ ସହାୟତାରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟର ଏସ୍‌ଏନ୍‌ସିୟୁରେ ଭର୍ତ୍ତି କରିଛନ୍ତି। ଖବର ପାଇ ଜିଲା ଶିଶୁ ମଙ୍ଗଳ ଅଧିକାରୀ ମନୋଜ ତ୍ରିପାଠୀ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଶିଶୁକୁ ଭେଟି ଡାକ୍ତରଙ୍କ ପରାମର୍ଶ ନେଇଛନ୍ତି।

ସୂଚନା ଅନୁଯାୟୀ, ଶ୍ରାବଣ ମାସର ଦ୍ୱିତୀୟ ସୋମବାରରେ ବାବା ଶ୍ରୀଲୋକନାଥଙ୍କ ପୀଠରେ ଜଳଲାଗି କରିବା ନିମନ୍ତେ ପୁରୀରେ କାଉଡ଼ିଆମାନଙ୍କ ଗହଳି ରହିଥିଲା। କାକଟପୁର ଅଞ୍ଚଳର କେତେଜଣ କାଉଡ଼ିଆ ଶ୍ରୀଲୋକନାଥଙ୍କ ନିକଟକୁ ଆସି ପାଣି ଢାଳି ସାରି ଭୋର ସମୟରେ ଘରକୁ ଫେରୁଥିଲେ। ସେମାନେ ସିଦ୍ଧମହାବୀର ରେଳ ଫାଟକ ଅତିକ୍ରମ କରୁଥିବାବେଳେ ରେଳଲାଇନ୍ କଡ଼ର ଏକ ପରିତ୍ୟକ୍ତ ସ୍ଥାନରେ ନବଜାତ ଶିଶୁପୁତ୍ର ପଡ଼ିଥିବା ଦେଖିଥିଲେ। ସେମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଶିଶୁପୁତ୍ରକୁ ଉଦ୍ଧାର କରି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପରେ ଶିଶୁପୁତ୍ରକୁ ଚିକିତ୍ସା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ସହ ଜିଲା ଶିଶୁମଙ୍ଗଳ ଅଧିକାରୀଙ୍କୁ ଜଣାଇଥିଲେ। ଜିଲା ଶିଶୁମଙ୍ଗଳ ଅଧିକାରୀ ପିଲାଟିକୁ ଉଦ୍ଧାର କରିଥିବା କାଉଡ଼ିଆମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ପ୍ରଶାସନ ପକ୍ଷରୁ ଶିଶୁର ଚିକିତ୍ସା ଉପରେ ନଜର ରଖାଯାଇଛି। ତେବେ କିଏ ଓ କାହିଁକି ଏଭଳି ପରିତ୍ୟକ୍ତ ସ୍ଥାନରେ ନବଜାତ ଶିଶୁପୁତ୍ରକୁ ଫିଙ୍ଗିଦେଇଥିଲେ ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ଶିଶୁପୁତ୍ରକୁ ଉଦ୍ଧାର କରିଥିବା କାଉଡ଼ିଆ କାକଟପୁର କେନ୍ଦ୍ରାବତୀ ଅଞ୍ଚଳର ଜ୍ଞାନେନ୍ଦ୍ର ସ୍ୱାଇଁ କହିଛନ୍ତି, ସେମାନେ ଶ୍ରୀଲୋକନାଥଙ୍କ ପୀଠରେ ପାଣିଢାଳି ଫେରିବାବେଳେ ସିଦ୍ଧମହାବୀର ରେଳଫାଟକ ନିକଟ ଅଳିଆଗଦାରେ ପିଲାଟି ଅସହାୟ ଅବସ୍ଥାରେ ପଡ଼ିରହିଥିବା ଦେଖିବାକୁ ପାଇଥିଲେ। ସେଠାରୁ ପିଲାଟିକୁ ଆଣି ଗାମୁଛାରେ ପୋଛାପୋଛି କରି ମେଡିକାଲ ନେଇଥିଲେ। ପରେ ପୋଲିସକୁ ସୂଚନା ଦେଇଥିଲେ। ଅନ୍ୟପକ୍ଷରେ ଶିଶୁପୁତ୍ରକୁ ଚିକିତ୍ସା କରୁଥିବା ଡାକ୍ତର କହିଛନ୍ତି, ପିଲାଟିର ତାପମାତ୍ରା ଓ ଗ୍ଲୁକୋଜ ପରିମାଣ କମିଯାଇଛି। ପିଲାଟିକୁ ଅକ୍ସିଜେନ ଦିଆଯିବା ସହ ଚିକିତ୍ସା କରାଯାଉଛି। ତା'ର ଅବସ୍ଥା ପ୍ରାୟତଃ ଭଲ ଅଛି। କାନ୍ଦୁନାହିଁ। ତେବେ ଏକ୍ସରେ କରାଯିବା ପରେ ଇଣ୍ଟରନାଲ ଇନ୍‌ଜୁରି ରହିଛି କି ନାହିଁ ତାହା ଜଣାପଡ଼ିବ।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତ୍‌ସଙ୍ଗ



ଚାରିଛକ,୨୯।୭(ଶିଶିର ସ୍ୱାଇଁ)

ଚାରିଛକ ନିକଟ ସାହୁ ପୋଖରୀଠାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଠାକୁର ଅନୁକୂଳଙ୍କ ଭକ୍ତ ବାଳକୃଷ୍ଣ ବେହେରା ନେତୃତ୍ୱ ନେଇଥିଲେ। ସତ୍‌ସଙ୍ଗ କାର୍ଯ୍ୟକ୍ରମ ପୂର୍ବରୁ ନୂତନ ବିଳାଶୁଣୀ କଲ୍ୟାଣ ମଣ୍ଡପକୁ ସତ୍‌ସଙ୍ଗ ମୁଖ୍ୟବକ୍ତା ନିରଞ୍ଜନ ବେହେରା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଡମ୍ବରୁଧର ଦାସ ସତ୍‌ସଙ୍ଗ ପରିଚାଳନା କରିଥିଲେ। ସୁନୀଲ ନାୟକ ଉପସ୍ଥିତ ଥିଲେ। ବିଜୟ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଥମେ ପ୍ରାର୍ଥନା କରି ନାମ, ଭଜନ ଓ କୀର୍ତ୍ତନ କରିବା ପରେ ଠାକୁର ଅନୁକୂଳ ଚନ୍ଦ୍ର ଭାବଧାରା, ନୀତିଶିକ୍ଷା ଉପରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଗୁରୁଭାଇମାନେ କହିଥିଲେ। ସତ୍‌ସଙ୍ଗରେ ଚାରିଛକ, ନିମାପଡ଼ା, ବସନ୍ତ ମାଳ, ବିଁଝିଷିପୁର, ବଉଲାଙ୍ଗ, ଗୋପ, ନିଆଳି, କାକଟପୁର, ଅସ୍ତରଙ୍ଗ ପ୍ରମୁଖ ଅଞ୍ଚଳରୁ ଶତାଧିକ ଗୁରୁଭାଇ ଓ ଗୁରୁମାମାନେ ଯୋଗଦେଇ ଠାକୁରଙ୍କ ଉପରେ ଶୁଣିବା ସହିତ ନାମ କୀର୍ତ୍ତନ କରିବାରେ ସହଯୋଗ କରିଥିଲେ।

# ଜନଶୁଣାଣିକୁ ଆସୁନାହାନ୍ତି ଜିଲାପାଳ

**ଶୁଣାଣି ହେଉନି ଅଭିଯୋଗ, ସାଧାରଣରେ ଅସନ୍ତୋଷ**


ଉପଜିଲାପାଳ ଗୋପୀନାଥ କଅଁର ଏବଂ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ଗୋପ,୨୯।୭(ଭାରତୀ ଭୂଷଣ ଉପାଧ୍ୟାୟ)

ଜିଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମ ସରକାରଙ୍କ ଗୋଟିଏ ପ୍ରହସନ ବୋଲି ଅଭିଯୋଗ ହୋଇଛି। ଜନ ଶୁଣାଣିକୁ କେବେ ହେଲେ ଜିଲାପାଳ ଆସୁ ନ ଥିବାବେଳେ କେବଳ ଜିଲା ପ୍ରଶାସନର ଆଉ କେତେକ ଅଧିକାରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଶେଷ ହେଉଥିବାବେଳେ କୌଣସି ଅଭିଯୋଗ ସମାଧାନ ହେଉ ନାହିଁ ବୋଲି ଅଭିଯୋଗକାରୀ କହିଛନ୍ତି। ସୋମବାର ଗୋପ ବ୍ଲକ ବୈଠକ ଗୃହରେ ଆୟୋଜିତ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ମଧ୍ୟ ଜିଲାପାଳ ଯୋଗଦେଇ ନ ଥିବାବେଳେ ଉପ ଜିଲାପାଳ ଗୋପୀନାଥ କଅଁର, ଜିଲା ପ୍ରକଳ୍ପ ନିର୍ଦ୍ଦେଶ ପ୍ରିୟରଞ୍ଜନ ପୃଷ୍ଟି, ବିଡିଓ ଛବିରାଣୀ ସାହୁ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜନ ଶୁଣାଣି କାର୍ଯ୍ୟକ୍ରମରେ ମାତ୍ର ୪୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

ପ୍ରକାଶ ଯେ, ରାଜ୍ୟ ସରକାର ଗ୍ରାମାଞ୍ଚଳରେ ରହୁଥିବା ଗରିବ ଲୋକଙ୍କୁ ସୁବିଧାରେ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବା ସହିତ ସେମାନଙ୍କ ସରକାରୀସ୍ତରରେ ଯେପରି କୌଣସି ସମସ୍ୟା ନ ରହିବ ତାକୁ ଦୃଷ୍ଟିରେ ରଖି ଜିଲାପାଳ ପ୍ରତ୍ୟେକ ବ୍ଲକକୁ ଯାଇ ସିଧାସଳଖ ଲୋକଙ୍କ ସମସ୍ୟା ବୁଝିବେ ଓ ତାହାର ସମାଧାନ କରିବେ ବୋଲି ନିର୍ଦ୍ଦେଶ ରହିଥିଲା। କିନ୍ତୁ ଗୋପ ବ୍ଲକରେ ତା'ର ବ୍ୟତିକ୍ରମ ଦେଖା ଦେଇଛି। ଗୋଟିଏ ହେଲେ ଜନ ଶୁଣାଣି କାର୍ଯ୍ୟକ୍ରମକୁ ଜିଲାପାଳ ଆସି ନ ଥିବାବେଳେ କେବଳ ଏହା ଏକ ପ୍ରହସନ ବୋଲି ଅଭିଯୋଗ ହୋଇଛି। ୨୦୨୩ ଡିସେମ୍ବର ୮ରେ ଜିଲାପାଳଙ୍କ ଜନ ଶୁଣାଣି ଗୋପ ବ୍ଲକରେ ହୋଇଥିଲା। ଆଉ ମଧ୍ୟ ଏହି ଜନ ଶୁଣାଣି କାର୍ଯ୍ୟକ୍ରମରେ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିବା ନିର୍ଦ୍ଦେଶକୁ ଅନେକ ବିଭାଗ ଅଧିକାରୀ ବେଖାତିର କରି ମଧ୍ୟ ଆସୁ ନ ଥିବା ଜଣାପଡ଼ିଛି। ଅପରପକ୍ଷେ ପୂର୍ବରୁ ଅଧିକାଂଶ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇ ନ ଥିବାବେଳେ ଏବେ ବି ଗାଁ ଗହଳିର ଲୋକେ ନ୍ୟାୟ ପାଇ ପାରି ନାହାନ୍ତି। ଗୋପ ବ୍ଲକରେ ଭତ୍ତା ଯୋଜନା, ମନରେଗା ଯୋଜନା, ଆବାସ ଯୋଜନା, ପିଇବା ପାଣି, ମୃତ୍ତିକା ସଂରକ୍ଷଣ ଯୋଜନା ସହିତ ଅନ୍ୟାନ୍ୟ ସରକାରୀ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇ ଥିବାରୁ ଏହି ସବୁ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଉନାହିଁ। ଏହି କାର୍ଯ୍ୟକ୍ରମ ଅଭିଯୋଗକୁ ନେଇ ଉପ ଜିଲାପାଳ କଅଁରଙ୍କୁ ପଚାରିବାରେ, ଜିଲାପାଳଙ୍କ ବ୍ୟସ୍ତତା ଯୋଗୁ ଆସି ପାରି ନାହାନ୍ତି। ଜନ ଶୁଣାଣି କାର୍ଯ୍ୟକ୍ରମରେ ହେଉଥିବା ଅଭିଯୋଗକୁ ନେଇ ସମାଧାନ କରାଯାଉଛି ବୋଲି କହିଥିଲେ।

# ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସଭା

ପୁରୀ,୨୯।୭(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀ ସଂଘର ସାଧାରଣ ସଭା ସୋମବାର ନବକଳେବର ରୋଡସ୍ଥିତ ମା' ଭୁବନେଶ୍ୱରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଙ୍ଗଠନର ସଭାପତି ପ୍ରଫେସର ଲକ୍ଷ୍ମୀଧର ମିଶ୍ର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିକ୍ଷା ବିଭାଗର ବାରମ୍ବାର ଦାଗିଦ୍ ସତ୍ତ୍ୱେ ଜାଲ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ନକଲି ଶିକ୍ଷକଙ୍କୁ ଶିକ୍ଷାଧିକାରୀ ମାନେ ବାହାର ନ କରିବା ଦୁର୍ଭାଗ୍ୟଜନକ ବୋଲି ସାଧାରଣ ସମ୍ପାଦକ ବିଶ୍ୱନାଥ ବେହେରା ଅଭିଯୋଗ କରିଥିଲେ। ରାଜ୍ୟରେ ଖାଲିଥିବା ଶିକ୍ଷକ ପଦବୀ ପୂରଣ କରିବାକୁ ଦାବି କରାଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସ୍ଥାୟୀ କୁଳପତି ନିଯୁକ୍ତି କରିବାକୁ ସଂଘ ଦାବି କରିଛି। ପ୍ୟାରୀମୋହନ ପଟ୍ଟନାୟକ, ଚିତ୍ରସେନ ପ୍ରଧାନ ବ୍ରହ୍ମାନନ୍ଦ ଦାସ, ବିଜୟ କୁମାର ପଣ୍ଡା, ଆଶାଲତା ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, ବାଇଧର ଜେନା, ଗୋପାଳ ଚନ୍ଦ୍ର ପରିଡ଼ା, ବିଜୟ ପରିଡା, ମନୋଜ ସାମନ୍ତରାୟ ଉପସ୍ଥିତ ଥିଲେ। ଦାଶରଥୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

# ୮ ବର୍ଷ ହେଲା କାର୍ଯ୍ୟକ୍ଷମ ହୋଇପାରୁନି ବିଦ୍ୟୁତ୍ ସବ୍‌ଷ୍ଟେଶନ

କଣାସ,୨୯।୭(ବିଭୂତି ଭୂଷଣ ତ୍ରିପାଠୀ)

ପୁରୀ ଜିଲା କଣାସ ବ୍ଲକରେ ବିଦ୍ୟୁତ୍ ସମସ୍ୟା ବର୍ଷସାରା ଲାଗି ରହିଛି। ଏହାକୁ ସୁଧାରିବାକୁ ୨୦୧୬ରେ ଯାମଳଗୋଦା ପଞ୍ଚାୟତର ଯାମଳଗୋଦାଠାରେ ୩୩/୧୧ କେଭି ବିଦ୍ୟୁତ୍ ସବଷ୍ଟେଶନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହାକୁ ଦୀର୍ଘ ୮ ବର୍ଷ ବିତିଯାଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କଣାସ ଅଞ୍ଚଳକୁ ୧୯୭୫ ମସିହାରେ ଖୋର୍ଦ୍ଧା ବିଦ୍ୟୁତ୍ ଗ୍ରୀଡରୁ ଟିରିମଲ, ଡେଲାଙ୍ଗ, କଲ୍ୟାଣପୁର ଦେଇ କଣାସ ବିଦ୍ୟୁତ୍ ସବଷ୍ଟେଶନକୁ ବିଦ୍ୟୁତ୍ ଯୋଗାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ଖୋର୍ଦ୍ଧାଠାରୁ କଣାସ ଦୀର୍ଘ ୪୫ କି.ମି. ବାଟ ଅତିକ୍ରମ କରି ବିଦ୍ୟୁତ୍ ତାର ଆସିଥିବାରୁ ବାରମ୍ବାର ବିଭ୍ରାଟ ହୋଇଥିଲା। ଫଳରେ ଯାମଳଗୋଦାଠାରେ ବିଦ୍ୟୁତ୍ ସବ୍‌ଷ୍ଟେଶନ ନିର୍ମାଣ କରି ପୁରୀ ବିଦ୍ୟୁତ୍ ଗ୍ରୀଡରୁ ବ୍ରହ୍ମଗିରି, ଖଜୁରିଆ ଦେଇ ଯାମଳଗୋଦା ବିଦ୍ୟୁତ୍ ସବଷ୍ଟେଶନକୁ ବିଦ୍ୟୁତ୍ ସଂଯୋଗ କରି ସମସ୍ୟା ଦୂର କରିବାକୁ ବିଭାଗ ଉଚ୍ଚପଦସ୍ଥ ଅଧିକାରୀ ପ୍ରସ୍ତାବ ଦେଇଥିଲେ। ତେବେ ୨୦୧୬ରେ ସବଷ୍ଟେଶନ କାର୍ଯ୍ୟ ଆରମ୍ଭ ହୋଇଥିଲା। କିଛିଦିନ ତଳେ ପୁରୀ ଗ୍ରୀଡରୁ ବ୍ରହ୍ମଗିରି ଓ ଖଜୁରିଆ ଦେଇ ଯାମଳଗୋଦା ସବଷ୍ଟେଶନକୁ ବିଦ୍ୟୁତ୍ ସଂଯୋଗ କରି ପରୀକ୍ଷା କରୁଥିବାବେଳେ ଠିକ୍ ଭାବେ ବିଦ୍ୟୁତ୍ ପହଞ୍ଚୁ ନ ଥିବା ଦେଖାଯାଇଥିଲା। ଯାମଳଗୋଦାଠାରେ ଗୁପ୍ତା କନଷ୍ଟ୍ରକଶନ ପାୱାର ପକ୍ଷରୁ ସବଷ୍ଟେଶନ ନିର୍ମାଣ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ବିଦ୍ୟୁତ୍ ବିଭାଗକୁ ହସ୍ତାନ୍ତର କରାଯାଇ ନ ଥିବା ଜଣାପଡ଼ିଛି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ରାକେଶ ପଟ୍ଟନାୟକଙ୍କୁ ପଚାରିବାରୁ, ଯାମଳଗୋଦାଠାରେ ବିଦ୍ୟୁତ୍ ସବଷ୍ଟେଶନ ନିର୍ମାଣ କରିଥିବା ଠିକାଦାର କେତେକ ଯାନ୍ତ୍ରିକ ତ୍ରୁଟି ଯୋଗୁ ବର୍ତ୍ତମାନ ସୁଧା ବିଦ୍ୟୁତ୍ ବିଭାଗକୁ ହସ୍ତାନ୍ତର କରି ନ ଥିବାରୁ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ ବୋଲି କହିଥିଲେ।



## ସଂକ୍ଷେପରେ

### ଶିକ୍ଷା ସପ୍ତାହ ଉଦ୍‌ଯାପିତ

**ଟାଙ୍ଗୀ,୨୯।୭(ରଘୁନାଥ ସାହୁ):** ଜାତୀୟ ଶିକ୍ଷାନୀତି ୨୦୨୦ର ଚତୁର୍ଥ ବାର୍ଷିକ ପୂର୍ତ୍ତି ଅବସରରେ ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିକ୍ଷା ଶପଥ ସପ୍ତାହ ପାଳନ କାର୍ଯ୍ୟକ୍ରମ ଚାଲୁଥିବା ବେଳେ ସୋମବାର ପ୍ରତ୍ୟେକ ବିଦ୍ୟାଳୟରେ ଉଦ୍‌ଯାପନୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଟାଙ୍ଗୀ ଶିକ୍ଷା ଅଧିକାରୀ ରବୀନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶକ୍ରମେ ଲଳିତପାଟପୁର କ୍ଲଷ୍ଟର୍ ପ୍ରତ୍ୟେକ ବିଦ୍ୟାଳୟ ସମ୍ପ୍ରଦାୟ ଯୋଗଦାନ ଦିବସ ପାଳନ କରାଯାଇଛି । ଏହା ହିତ ତିଥି ଭୋଜନର ବ୍ୟବସ୍ଥା କରାଯାଇଛି। ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଦ୍ୟାଞ୍ଜଳି ପୋର୍ଟାଲରେ ସ୍ୱେଚ୍ଛାସେବୀମାନଙ୍କର ନାମ ପଞ୍ଜୀକରଣ କରାଯାଇଛି। ଏହି ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସି ପଞ୍ଚାନନ ଭୁଜବଳ ତଦାରଖ କରିଥିଲେ। ଏହି ଅବସରରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରେଙ୍ଗଟା ଠାରେ ପ୍ରଧାନ ଶିକ୍ଷକ ଅମର କୁମାର ଜୟସିଂହ ଓ ସହକାରୀ ଶିକ୍ଷୟିତ୍ରୀ ଉନ୍ନିତ୍ତା ହରିଚନ୍ଦନ ଶିକ୍ଷାର୍ଥୀମାନଙ୍କୁ ବିଦ୍ୟାଳୟର ଉନ୍ନତି ପାଇଁ ସ୍ୱେଚ୍ଛାସେବୀ ବନ୍ଧୁମାନଙ୍କ ଆବଶ୍ୟକ ଉପରେ ବୁଝାଇଥିଲେ।

### ଗୋଷ୍ଠୀ ସମ୍ପୃକ୍ତି ଦିବସ ପାଳିତ

**ଟାଙ୍ଗୀ,୨୯।୭(ରଘୁନାଥ ସାହୁ):** ଶିକ୍ଷା ସପ୍ତାହ ପାଳନର ଶେଷ ଦିବସକୁ ଗୋଷ୍ଠୀ ସମ୍ପୃକ୍ତି ଦିବସଭାବେ ପାଳନ କରାଯାଇଛି। ଏହି ପରିପ୍ରେକ୍ଷୀରେ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅଙ୍ଗନୱାଡିକର୍ମୀ ଭାରତୀ ପରିଡା, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ରତୁ ମଣ୍ଡଳ, ମିଲି ମଣ୍ଡଳ, ଶିକ୍ଷକ ସତ୍ୟନାରାୟଣ ପଲେଇ, ଲଳିତ ନାରାୟଣ ମହାପାତ୍ର, ପ୍ରଥମା ସଙ୍ଗଠନର ସିଆଇଏମ୍ ଚୈତନ୍ୟ ଘଡେଇ ଅତିଥିଭାବେ ଯୋଗଦେଇ ଗୋଷ୍ଠୀ ସମ୍ପୃକ୍ତିର ଆବଶ୍ୟକତା ତିଥି ଭୋଜନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଭିଲ ସୋସାଇଟି ପୁରାତନ ଛାତ୍ରୀଛାତ୍ରମାନଙ୍କ ଅବଦାନ ପୁଷ୍ଟିକର ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇବାରେ ଭାଗୀଦାର ହେବା ସ୍ୱଚ୍ଛତା ପରିମଳ ପରିବେଶ ପ୍ରତି ଧ୍ୟାନ ଦେବା ଆଦି ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଅଭିଭାବକ, ପୁରାତନ ଛାତ୍ରୀଛାତ୍ର ପରିଚାଳନା କମିଟି ସଭ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ସାହି ପରିକ୍ରମା କରିଥିଲେ। ସପ୍ତାହବ୍ୟାପୀ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

### ତିଥି ଭୋଜନ କାର୍ଯ୍ୟକ୍ରମ

**ଟାଙ୍ଗୀ,୨୯।୭(ରଘୁନାଥ ସାହୁ):** ଶିକ୍ଷା ସପ୍ତାହର ସପ୍ତମ ତଥା ଅନ୍ତିମ ଦିବସ 'ତିଥି ଭୋଜନ' କାର୍ଯ୍ୟକ୍ରମ ରାମଚନ୍ଦ୍ର ବିଦ୍ୟାନିକେତନ ରମାବିଲିର ପ୍ରଧାନ ଶିକ୍ଷକ ବଳରାମ ପାଇକରାୟଙ୍କ ପୌରୋହିତ୍ୟରେ ବିଦ୍ୟାଳୟର ସଭାଗୃହ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର ମୁଖ୍ୟ ଅତିଥି, ଛଣଗିରି କ୍ଲଷ୍ଟରର ସିଆରସିସି ପ୍ରଶାନ୍ତ ମହାପାତ୍ର ମୁଖ୍ୟ ବକ୍ତା, ରମାବିଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଟୁଲୁ ମାଝୀ ଅତିଥିଭାବେ ଯୋଗଦେଇ ତିଥି ଭୋଜନ କାର୍ଯ୍ୟକ୍ରମର ଅଭିମୁଖ୍ୟ ବ୍ୟକ୍ତ କରିଥିଲେ। ରମାକାନ୍ତ ମହାପାତ୍ର, ନାରାୟଣ ପାତ୍ର, ମୁରଲି ହରିଚନ୍ଦନ, ନରେନ୍ଦ୍ର ପାଇକରାୟ, ସୁକାନ୍ତି ବିଶୋଇ ଉପସ୍ଥିତ ରହି ପରିଚାଳନା କରଥିଲେ। ଶେଷରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଗୋଦାବରୀଶ ସାମନ୍ତସିଂହାର ଧନ୍ୟବାଦ ଦେଇଥିଲେ।

### ବର, ଅଶ୍ୱତ୍ଥ ଚାରା ଲଗାଇବା ପାଇଁ ଆହ୍ୱାନ

**ପୁରୁଣା ଭୁବନେଶ୍ୱର,୨୯।୭(ସୁବାସ ଚନ୍ଦ୍ର ପ୍ରଧାନ):** କଂକ୍ରିଟ ରାସ୍ତା, ଗୃହ ନିର୍ମାଣ ପାଇଁ ଲୋପ ପାଇଯାଉଛି ବର, ଅଶ୍ୱତ୍ଥ ଗଛ। ଏହି ଗଛର ସମାଜ ପ୍ରତି ଅତ୍ୟାବଶ୍ୟକ ରହିଛି। ଏହା ପ୍ରଚୁର ପରିମାଣରେ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡିଥାଏ। ଏହି ଗଛରେ ବସା ବାନ୍ଧି ରହୁଥିବା ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ। ବାୟୁମଣ୍ଡଳ ତଥା ମନୁଷ୍ୟ ସମାଜ ପାଇଁ ବର ଅଶ୍ୱତ୍ଥ ଗଛଗୁଡିକ ଅନୁକୂଳ ପ୍ରଭାବ ପକାଇଥାଏ। ଏଭଳି ସମୟରେ ବର ଅଶ୍ୱତ୍ଥ ଚାରା ଲଗାଇବା ଏକାମ୍ର ଜନଜାଗରଣ ମଞ୍ଚ ଅଭିଯାନ ଆରମ୍ଭ କରିଛି। ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସହ ମଞ୍ଚ ସଦସ୍ୟ ସଦସ୍ୟମାନେ ଏଥିରେ ସାମିଲ ହୋଇଛନ୍ତି। ବର୍ଷାଦିନେ ଚାରାଗୁଡିକ ବିଭିନ୍ନ ସ୍ଥାନରେ ଲଗାଇବା ସହ ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି।

# ଅଧ୍ୟାପକ, ସଭାପତିଙ୍କୁ ବହିଷ୍କାର ଦାବି

**ହଳଦିଆ କଲେଜ ଅଧ୍ୟକ୍ଷଙ୍କୁ ଆକ୍ରମଣ ପ୍ରସଙ୍ଗ**

- ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବୁଦ୍ଧିଜୀବୀ, ଶିକ୍ଷାବିତ୍
- ପୋଲିସର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ

**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ବ୍ଲକ ହଳଦିଆ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାରେ ପ୍ରମାଣ ରହିଥିବା ସତ୍ତ୍ୱେ ଆକ୍ରମଣକାରୀଙ୍କୁ ଗିରଫ ପରିବର୍ତ୍ତେ ଫେରାର ଦର୍ଶାଇ ସୁରକ୍ଷା ଦିଆଯାଉଛି ବୋଲି ଶିଳ୍ପାଞ୍ଚଳ ପୋଲିସର ସ୍ୱଚ୍ଛତା ଉପରେ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ଏହି ଘଟଣାର ସତ୍ୟତା ଅନୁଧ୍ୟାନ, ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ, ଇତିହାସ ଅଧ୍ୟାପକ, ପରିଚାଳନା ସଭାପତିଙ୍କୁ ଗିରଫ ସହ ବହିଷ୍କାର, ମହାବିଦ୍ୟାଳୟକୁ ନାକ୍ ଟିମ୍ ପରିଦର୍ଶନ ପର୍ଯ୍ୟନ୍ତ ବର୍ତ୍ତମାନର ଅଧ୍ୟକ୍ଷଙ୍କୁ ସୁରକ୍ଷା, ଦାୟିତ୍ୱରେ ରହିବା ପାଇଁ ଅନୁମତି, ପାଣ୍ଠିରେ ଆସିଥିବା ଅନୁଦାନର ତଦନ୍ତ ଆଦି ୭ଦଫା ଦାବି ସମ୍ବଳିତ ଦାବିପତ୍ର ସୋମବାର ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବାସଭବନରେ ଭେଟି ପ୍ରଦାନ କରିଛନ୍ତି। ଏହାର ଏକାକିତ ନକଲ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବ, ଆଞ୍ଚଳିକ ନିର୍ଦ୍ଦେଶକ, ଏମ୍‌ପି ଏବଂ ଜିଲାପାଳଙ୍କୁ ମଧ୍ୟ ପ୍ରଦାନ କରାଯାଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ୧୯୮୩ ମସିହାରେ ହଳଦିଆ କଲେଜ ସ୍ଥାପନ ହୋଇଥିଲା। ପ୍ରଥମେ ଯୁକ୍ତ ୨ ପରେ ଯୁକ୍ତ ୩ କଳା, ବାଣିଜ୍ୟ, ବିଜ୍ଞାନ, ବିଜ୍ଞାନ ସମ୍ମାନ ପାଠ୍ୟକ୍ରମ ଚାଲିଛି। ଉକ୍ତ କଲେଜ ସ୍ଥାପନା ହେବାର ୪୦ବର୍ଷ ବିତିଲାଣି, ହେଲେ ଭିତ୍ତିଭୂମିରେ କୌଣସି ପରିବର୍ତ୍ତନ ଆସିନାହିଁ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି) ର ସହବନ୍ଧନ ପାଇଁ ଏଯାଏ କୌଣସି ଉଦ୍ୟମ ହୋଇନାହିଁ। ଗତ ୩ବର୍ଷ ତଳେ ଉମାକାନ୍ତ ପାତ୍ରଙ୍କ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି। ନାକ୍ ଟିମ ପରିଦର୍ଶନ ପାଇଁ ଭିତ୍ତିଭୂମି ସଜାଡିବାରେ ଲାଗିଛନ୍ତି। ତେବେ ସମ୍ପୃକ୍ତ ଇତିହାସ ବିଭାଗ ଅଧ୍ୟାପକ, ତାଙ୍କ ସମ୍ପର୍କୀୟ ତଥା ପରିଚାଳନା ସଭାପତିଙ୍କ ମାଧ୍ୟମରେ ଶିକ୍ଷାନୁଷ୍ଠାନର ବିଭିନ୍ନ କାର୍ଯ୍ୟରେ ବିରୋଧ କରୁଛନ୍ତି। ଗତ ୩ତାରିଖରେ ପରିଚାଳନା ସଭାପତି, ଇତିହାସ ଅଧ୍ୟାପକ ଏବଂ ୪ଜଣ ଯୁବକ ଅଧ୍ୟକ୍ଷଙ୍କ ଚାମ୍ବରରେ ପଶି ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏନେଇ ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ପୃଥକ ଭାବେ ଦୁଇଟି ମାମଲା ରୁଜୁ କରିଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ଜିଲା ପ୍ରଶାସନ, ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ଘଟଣାକୁ ୨୬ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ନୀରବଦ୍ରଷ୍ଟା ସାଜିଛି। ବିଧାନସଭା ଚାଲିଥିବା ବେଳେ ନିଜ ଦୋଷ ଲୁଚାଇବାକୁ ଯାଇ ଗତ ୨୬.୭.୨୪ରେ ଏ ସମ୍ପର୍କରେ ଉଚ୍ଚଶିକ୍ଷା ବିଭାଗ ଶାସନ ସଚିବଙ୍କୁ ଉକ୍ତ ଘଟଣାରେ ଇତିହାସ ଅଧ୍ୟାପକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଲାଗି ଚିଠି ଲେଖି ନିଜ ଉପରୁ ଦାୟିତ୍ୱ ଖସାଇ ଦେଇଛି। ଅଧ୍ୟକ୍ଷଙ୍କୁ ଆକ୍ରମଣ ଘଟଣାକୁ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, କର୍ମଚାରୀ ନିନ୍ଦା କରିବା ସହ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଲାଗି ଉଚ୍ଚ ଶିକ୍ଷାବିଭାଗର ଦୃଷ୍ଟି ଆକର୍ଷଣ କରିଛନ୍ତି। ସମ୍ପୃକ୍ତ ଇତିହାସ ଅଧ୍ୟାପକ, ପରିଚାଳନା ସଭାପତି ଏବଂ ଆକ୍ରମଣରେ ଜଡିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ସହ ଉଭୟଙ୍କୁ ବହିଷ୍କାର କରାଗଲେ, ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ସୃଷ୍ଟି ହେବ ବୋଲି ଉଲ୍ଲେଖ କରିଛନ୍ତି।

### ଫାକ୍‌ଚୁଆଲ ରିପୋର୍ଟ ମାଗିଲେ ନିର୍ଦ୍ଦେଶକ

ହଳଦିଆ କଲେଜ ଅଧ୍ୟକ୍ଷ ଉମାକାନ୍ତ ପାତ୍ରଙ୍କୁ ଆକ୍ରମଣ ଘଟଣାର ଫାକ୍‌ଚୁଆଲ ରିପୋର୍ଟ ୩ଦିନରେ ଦାଖଲ କରିବାକୁ ଉଚ୍ଚ ଶିକ୍ଷାବିଭାଗ ଆଞ୍ଚଳିକ ନିର୍ଦ୍ଦେଶକ (ଆରଡି) ପରିଚାଳନା କମିଟି ସଭାପତିଙ୍କୁ ବିଭାଗୀୟ ଚିଠି ୫୧୫୪/୨୦.୭.୨୪ ପ୍ରକାରେ ନିର୍ଦ୍ଦେଶ ଦେଇଛନ୍ତି। କଲେଜ କ୍ୟାମ୍ପସରେ ଅଧ୍ୟକ୍ଷଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହା ଦ୍ୱାରା କଲେଜର ପ୍ରତିଷ୍ଠା, ଗୌରବକ୍ଷୁର୍ଣ୍ଣ ହେବା ସହ ଏହାର ଶୈକ୍ଷିକ ବାତାବରଣ ନଷ୍ଟ ହୋଇଛି। ଏହାର ସବିଶେଷ ରିପୋର୍ଟ ଦାଖଲ ଲାଗି ସଭାପତିଙ୍କୁ ରିପୋର୍ଟ ମାଗିଛନ୍ତି ଆଞ୍ଚଳିକ ନିର୍ଦ୍ଦେଶକ। ତେବେ ସଭାପତି ବର୍ତ୍ତମାନ ସୁଦ୍ଧା ରିପୋର୍ଟ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରି ନ ଥିବା ବିଶେଷ ସୁତ୍ରରୁ ଜଣାପଡିଛି।

# ସ୍ୱାସ୍ଥ୍ୟ ହିଁ ଅମୂଲ୍ୟ ସମ୍ପଦ



**ବେଗୁନିଆ,୨୯।୭(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ସ୍ୱାସ୍ଥ୍ୟ ପରୀକ୍ଷା ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ବାଲ୍ ସାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଭାଗିତାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ବିଭିନ୍ନ ରୋଗର ଲକ୍ଷଣ ଓ ଉପଚାର ସମ୍ପର୍କରେ ଆଲୋକପାତ କରାଯାଇଥିଲା। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଆୟୁଷ ଡା.ଦେବପ୍ରସାଦ ସାହୁ, ଫାର୍ମାସିଷ୍ଟ ନିବାସିନୀ ଶତପଥୀ, ସ୍ୱାସ୍ଥ୍ୟକର୍ମୀ ସୌଦାମିନୀ ସାହୁ ପ୍ରମୁଖ ଯୋଗଦେଇ ଜୀବନଶୈଳୀରେ ସ୍ୱାସ୍ଥ୍ୟର ମୌଳିକ ଆବଶ୍ୟକ କେତେ ଜରୁରୀ ସେ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ହେଉଛି ଅମୂଲ୍ୟ ସମ୍ପଦ। ପ୍ରତିଟି ମୁହୂର୍ତ୍ତରେ ଯତ୍ନ ନେବା ସହିତ ନିଜର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବା ଆବଶ୍ୟକ ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଓଜନ, ଉଚ୍ଚତା ମପାଯିବା ସହିତ ଜନ୍ମଗତ ଅକ୍ଷମତା ଏବଂ ଶାରିରୀକ ଅକ୍ଷମତା ଚିହ୍ନଟ କରାଯାଇଥିଲା। ବିଭିନ୍ନ ରୋଗର ଲକ୍ଷଣ ଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରାଯାଇ ଜରୁରୀ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରଙ୍କ ସହିତ ପରାମର୍ଶ କରିବାକୁ ପରାମର୍ଶ ଦିଆଯାଇଥିଲା। ସହକାରୀ ଶିକ୍ଷକ ପ୍ରଭାକର ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବେଳେ ଶିକ୍ଷକ ଅଖିଳେଶ ମହାପାତ୍ର ଧନ୍ୟବାଦ ଦେଇଥିଲେ।



ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ସୋମବାର ରାଜଧାନୀ ଉପକଣ୍ଠ ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ପିଲାମାନେ ମୁଖାପିନ୍ଧି ସଚେତନ କରୁଛନ୍ତି।

## ବିଶ୍ୱ ବ୍ୟାଘ୍ର ଦିବସ

**ପୁରୁଣା ଭୁବନେଶ୍ୱର,୨୯।୭(ସୁବାସ ଚନ୍ଦ୍ର ପ୍ରଧାନ)**

ବିଶ୍ୱ ବ୍ୟାଘ୍ର ଦିବସ ଅବସରରେ ସାମାଜିକ ଅନୁଷ୍ଠାନ 'ବୁଲ୍‌ସଆଇ' ପକ୍ଷରୁ ଚନ୍ଦକା-ଡମପଡା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ରହିଥିବା ଆଦିବାସୀ ପଲ୍ଲୀ କନ୍ଦଲେଇଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀର ବିଦ୍ୟାର୍ଥୀମାନେ ବାଘ ମୁଖା ପିନ୍ଧି ଗ୍ରାମରେ ସଚେତନତା ବାର୍ତ୍ତା ବାଣ୍ଟିଥିଲେ। 'ବୁଲ୍‌ସଆଇ'ର ଅଧ୍ୟକ୍ଷ ତ୍ରିଲୋଚନ ବେଉରା, ପରିବେଶବିତ୍ ସୁଶାନ୍ତ ସାହୁ ଯୋଗଦେଇ ମତବ୍ୟକ୍ତ କରିଥିଲେ।

## ୧୨ଗୋରୁ ଉଦ୍ଧାର, ପିକଅପ୍ ଭ୍ୟାନ୍ ଜବତ

**ବେଗୁନିଆ,୨୯।୭(ସନ୍ଧ୍ୟାରାଣୀ ମିଶ୍ର)**



ବେଗୁନିଆ ଥାନା ଅନ୍ତର୍ଗତ କୁଶପଲା ଗ୍ରାମରୁ ପୋଲିସ ୧୨ ଗୋରୁଙ୍କୁ ଉଦ୍ଧାର କରିବା ସହ ପିକଅପ୍ ଭ୍ୟାନ୍ ଜବତ କରିଛି। ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସୂଚନା ଅନୁଯାୟୀ, ସୋମବାର ଭୋରରୁ ଏକ ପିକଅପ୍ ଭ୍ୟାନରେ ୧୨ଟି ଗୋରୁଙ୍କୁ ଚାଲାଣ କରାଯିବା ପାଇଁ ରଖାଯାଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ପୋଲସ ପହଞ୍ଚି ଗୋରୁ ବୋଝେଇ ଗାଡିକୁ ଜବତ କରି ଥାନାକୁ ଆଣିଥିଲା। ପରେ ଉଦ୍ଧାର ଗୋରୁଙ୍କୁ ବୋଲଗଡ଼ ସ୍ଥିତ ଗୋଶାଳାରେ ଛାଡ଼ି ଦିଆଯାଇଛି। ଏହି ଚଢ଼ାଉରେ ସହକାରୀ ଉପନିରୀକ୍ଷକ ମନୋଜ କୁମାର ଶତପଥୀ, ଶ୍ରୀନିବାସ ବାରିକ, ପ୍ରଦୀପ କୁମାର ବେହେରା, ଅଶୋକ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

# ଶୈବପୀଠରେ କାଉଡ଼ିଆଙ୍କ ଭିଡ଼

**ଖୋର୍ଦ୍ଧା/ବୋଲଗଡ଼/ବେଗୁନିଆ,୨୯।୭ (ପ୍ରଭାତ ପାଣିଗ୍ରାହୀ/ ଦେବବ୍ରତ ହୋତା/ ସନ୍ଧ୍ୟାରାଣୀ ମିଶ୍ର)**



ଶ୍ରାବଣ ମାସ ଦ୍ୱିତୀୟ ସୋମବାର ପାଇଁ ଖୋର୍ଦ୍ଧା ଜିଲାର ସମସ୍ତ ପ୍ରସିଦ୍ଧ ଶୈବପୀଠରେ ଭକ୍ତ ଓ କାଉଡ଼ିଆଙ୍କ ଭିଡ଼ ରହିଥିଲା। ଧାଡିରେ ଆସି କାଉଡ଼ିଆମାନେ ମହାଦେବଙ୍କ ଦର୍ଶନ ସହ ବେଲପତ୍ର ଚଢାଇ, ଜଳଲାଗି କରି ପରିବାର ସୁଖ ମନାସୀ ଥିଲେ। ଅଟ୍ରି ସ୍ଥିତ ଏକାଦଶ ରୁଦ୍ର ହଟ୍ଟକେଶ୍ୱରଙ୍କ ପୀଠରେ କାଉଡିଆଙ୍କ ଭିଡ ରହିଥିଲା। ବରିଷ୍ଠ ସେବାୟତ ଦିଲୀପ ପଣ୍ଡା କହିଛନ୍ତି, ଭୋର ୩ଟାରେ ଦ୍ୱାରଫିଟା, ମଙ୍ଗଳ ଆଳତି, ମଇଲମ, ଅବକାଶ ନୀତି ପରେ ୪ଟାରୁ ଦର୍ଶନ ଆରମ୍ଭ ହୋଇଥିଲା। କାଉଡିଆମାନେ ଧାଡିରେ ଆସି ଠାକୁରଙ୍କ ନିକଟରେ ଜଳଲାଗି କରିଥିଲେ। ମଧ୍ୟାହ୍ନ ଧୂପ ପରେ ଅପରାହ୍ନରେ କିଛି ସମୟ ପହୁଡ ପରେ ପୁଣି ଦର୍ଶନ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ହଟକେଶ୍ୱର ମହାକାଳ ବେଶରେ ଦର୍ଶନ ଦେଇଥିଲେ। ପ୍ରବଳ ଜନ ସମାଗମ ହୋଇଥିଲା।ଖୋର୍ଦ୍ଧା ସହର ପ୍ରସିଦ୍ଧ ଶୈବପୀଠ ଧବଳେଶ୍ୱର, ଲୋକେଶ୍ୱରଙ୍କ ପୀଠରେ କାଉଡିଆଙ୍କ ଭିଡ ରହିଥିଲା। ଏଥିସହିତ ଚନ୍ଦ୍ରଶେଖର, ସିଦ୍ଧେଶ୍ୱର, ସ୍ୱପ୍ନେଶ୍ୱର, ତାରକେଶ୍ୱରଙ୍କ ସମେତ ବାଙ୍କୋଇ ସ୍ଥିତ ତାରକେଶ୍ୱର, ଗୋଡା ସ୍ଥିତ ଗୋଡା ଲୋକାନାଥ, ହରିପୁରଶାସନ ସ୍ଥିତ ପଶ୍ଚିମାଶମ୍ଭୁ, ଟାଙ୍ଗୀର ଚଣ୍ଡେଶ୍ୱର, ହରିରାଜପୁର ପଶ୍ଚିମାଶମ୍ଭୁ, ବୁଢାପରା ସୋମନାଥଙ୍କ ପୀଠରେ ଦିନତମାମ ଭକ୍ତ, କାଉଡିଆଙ୍କ ଭିଡ ରହିଥିଲା। ବେଗୁନିଆ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ମଧ୍ୟ କାଉଡ଼ିଆଙ୍କ ଭିଡ଼ ରହିଥିଲା। ବୋଲଗଡ଼ ବ୍ଲକ ଅଞ୍ଚଳର ବୋଲଗଡ଼, ଖଙ୍ଗୁରିଆ, ଦିବ୍ୟସିଂହପୁର, ପିଚୁକୁଳି, କଡବ, ଧଳାପଥର, ଗେଡିଆପଲ୍ଲୀ, ମାଣିବନ୍ଧ, ସଂପୁର ଆଦି ଗ୍ରାମ ସମେତ ଅନ୍ୟାନ୍ୟ ଗ୍ରାମ ସ୍ଥିତ ଶିବମନ୍ଦିରରେ ମାନସିକଧାରୀ କାଉଡ଼ିଆମାନେ ଜଳଲାଗି କରିଥିଲେ।

## ଯୋଜନା ସଂଯୋଜକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଟାଙ୍ଗୀ,୨୯।୭(ରଘୁନାଥ ସାହୁ)**

୫ଦଫା ଦାବିନେଇ ଅଲ୍ ଓଡ଼ିଶା ବିଇଓସ୍ତରୀୟ ଯୋଜନା ସଂଯୋଜକ ସଂଘର ଆହ୍ୱାନକ୍ରମେ ଜୁଲାଇ ୨୯ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଯୋଜନା ସଂଯୋଜକମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଗଣଶିକ୍ଷା ବିଭାଗର ସଚିବଙ୍କ ନିକଟକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମଧ୍ୟରେ ଓପେପା ସର୍ଭିସ ରୁଲ୍ ଅନୁଯାୟୀ ସମାନ କାମକୁ ସମାନ ଦରମା, ବେତନ ବୃଦ୍ଧି, ଇପିଏଫ୍ ବାବଦକୁ କର୍ମଚାରୀଙ୍କ ବେତନରୁ ୨୫ପ୍ରତିଶତ କାଟିବା ପରିବର୍ତ୍ତେ ନିୟମ ଅନୁଯାୟୀ ୧୨ପ୍ରତିଶତ କଟାଯାଉ, ବିଇଓ କାର୍ଯ୍ୟାଳୟରେ ଦୀର୍ଘ ୧୨ବର୍ଷ କାର୍ଯ୍ୟ କରିଥିବାରୁ ଆମ ପଦବୀକୁ ସେହି କାର୍ଯ୍ୟାଳୟରେ ଅବସ୍ଥାପିତ କରିବା ଆଦି ରହିଛି। ଏହି ସମସ୍ୟା ସମ୍ପର୍କରେ ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କୁ ଅବଗତ କରାଇବା ପାଇଁ ସଂଘ ନିଷ୍ପତ୍ତି ନେଇଥିବା ଜଣାପଡିଛି।

## ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବେଗୁନିଆ,୨୯।୭(ହର ପ୍ରସନ୍ନ ପଣ୍ଡା)**

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ଶିକ୍ଷା ସପ୍ତାହ କାର୍ଯ୍ୟକ୍ରମ ବେଗୁନିଆ ବ୍ଲକର ୧୫ଟି କ୍ଲଷ୍ଟରରେ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବେଗୁନିଆ ସଦର ମହକୁମା ସ୍ଥିତ ସରକାରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସମ୍ପ୍ରଦାନ ଓ ଯୋଗଦାନ ଦିବସ ପାଳନ ହୋଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଶିବ କୁମାର ମୁନି, ସଭ୍ୟା ପୁଷ୍ପାଞ୍ଜଳି ଜୟସିଂହ, ପୁରାତନ ଛାତ୍ର ସଂସଦର ସଭ୍ୟା ସଂଘମିତ୍ରା ରାଜଗୁରୁ, ଇଂ.ରାମ ମାନସ ପଣ୍ଡା, ବିଶ୍ୱରଞ୍ଜନ ପଟ୍ଟନାୟକ ଏବଂ ଅଭିଭାବକମାନେ ଯୋଗଦେଇଥିଲେ। ଏଥିରେ ଉତ୍ତମ ସାସ୍ଥ୍ୟ ଗଠନ ଦିଗରେ ସୁଷମ ଖାଦ୍ୟ ସେବନର ମୌଳିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ, ଚାରା ରୋପଣ, ଶିକ୍ଷଣୀୟ ସାମଗ୍ରୀ, କ୍ରୀଡା ଆଦି ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ସୁରଜିତା ଦଳାଇ ସାପ୍ତାହିକ ବିବରଣୀ ପଠନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ସାହୁଙ୍କ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ସରିଲା ଚିତ୍ର, ଭାସ୍କର୍ଯ୍ୟ କଳା ଶିବିର

**ପୁରୁଣା ଭୁବନେଶ୍ୱର,୨୯।୭ (ସୁବାସ ଚନ୍ଦ୍ର ପ୍ରଧାନ)**

**୨ ଶିଳ୍ପୀଙ୍କୁ ଅଧିର ଜେନା ସ୍ମୃତି ସମ୍ମାନ, ୨୨ଶିଳ୍ପୀ ସମ୍ବର୍ଦ୍ଧିତ**

ଧଉଳି ଚାରୁକଳା ମହାବିଦ୍ୟାଳୟର ୩୦ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ୩ଦିନିଆ ଚିତ୍ର ପ୍ରଦର୍ଶନୀ ଏବଂ ଚିତ୍ର ଓ ଭାସ୍କର୍ଯ୍ୟ କଳା ଶିବିର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବ ଅବସରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରରେ ପ୍ରସ୍ତୁତ କଳାକୃତିର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ବକ୍ତାଭାବେ ଧର୍ମପଦ ପୁରସ୍କାରପ୍ରାପ୍ତ ଚିତ୍ରଶିଳ୍ପୀ, ଓଡ଼ିଶା ଲଳିତ କଳା ଏକାଡେମୀର ପୂର୍ବତନ ସଭାପତି ଜଗଦୀଶ ଚନ୍ଦ୍ର କାନୁନଗୋ ଯୋଗଦେଇ ଓଡ଼ିଶାର ଦୃଶ୍ୟ କଳାକ୍ଷେତ୍ରରେ ଧଉଳି ଚାରୁକଳା ମହାବିଦ୍ୟାଳୟର ଅବଦାନ ଅତୁଳନୀୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ କେନ୍ଦ୍ର ଲଳିତ କଳା ଏକାଡେମୀର ଆଞ୍ଚଳିକ କେନ୍ଦ୍ରର କ୍ଷେତ୍ରୀୟ ସଚିବ ରାମକୃଷ୍ଣ ବେଦାଲା, ନିଖିଳ ଉତ୍କଳ ଓଡ଼ିଶୀ ସଂକୀର୍ତ୍ତନ ମହାସଂଘର ସଭାପତି ଶଶାଙ୍କ ଚୂଡ଼ାମଣି ପ୍ରମୁଖ ଶିଳ୍ପୀଙ୍କ ଚିତ୍ରର ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରୀ ସୋନାଲି ନାୟକ ଓ ସୋନାଲି ବିଶ୍ୱାଳଙ୍କୁ 'ଅଧିର ଜେନା ସ୍ମୃତି ସମ୍ମାନ' ଏବଂ ମାନସ ରଞ୍ଜନ ନାୟକଙ୍କୁ ମହାବିଦ୍ୟାଳୟ ସମ୍ମାନ ପ୍ରଦାନ କରିଥିଲେ। ଶିଳ୍ପୀ ପ୍ରବୀର ଦଳାଇ, ଦେବାର୍ଚ୍ଚନ ରାଉତ, ଜୟଶ୍ରୀ ଜେନା, ଅପର୍ଣ୍ଣା ମହାନ୍ତି, ପରମେଶ୍ୱର ମେହେର, ସଞ୍ଜୟ ପରିଡ଼ା, ସସ୍ମିତା କମିଲା, ପ୍ରଦୀପ ସାହୁ, ହୃଦୟାନନ୍ଦ ପଟ୍ଟନାୟକ, ଶୋଫିଆ ୟାସ୍ମିନ, ଜ୍ୟୋତି ରଞ୍ଜନ ସାହୁ, ମାନସ ମହାରଥୀ, ହିମାଂଶୁ ପରିଡା, ହିମାଂଶୁ ମହନ୍ତ, ପଙ୍କଜ ବେହେରା, ରାଜେଶ ସିଂ, ସୁଜିତ କୁମାର ଶେଠ, ଦେବରାଜ ମହାରଣାଙ୍କ ସମେତ ମୋଟ୍ ୨୨ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବହୁ ବରିଷ୍ଠ ଶିଳ୍ପୀ ଓ କଳାନୁରାଗୀ ପ୍ରଦର୍ଶିତ ଚିତ୍ର ଓ ଭାସ୍କର୍ଯ୍ୟକୁ ବୁଲି ଦେଖିଥିଲେ।

# ରାସ୍ତାରେ ଡ୍ରେନ୍, ବର୍ଷା ପାଣି





**ଖୋର୍ଦ୍ଧା,୨୯।୭(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସହରରେ ସ୍ୱଚ୍ଛତା ପ୍ରହସନ ପାଲଟିଛି। ସହରରୁ ଠିକ୍ ସମୟରେ ଅଳିଆ ହଟୁ ନ ଥିବା ବେଳେ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ବର୍ଷ ବର୍ଷ ଧରି ସଫା ନ ହେବା ଫଳରେ ଅଳିଆ ଆବର୍ଜନା ପଡି ପୂର୍ତ୍ତ ଗନ୍ଧମୟ ହେଲାଣି। ଏକାଧିକ ଡ୍ରେନ ପୋତି ହୋଇଗଲାଣି। ସହରର ମୁଖ୍ୟ ଡ୍ରେନକୁ ବାଦ୍ ଦେଲେ ଗଳିକନ୍ଦିରେ ଥିବା ଡ୍ରେନରୁ ମାଟି ଉଠାଯାଇନାହିଁ। ଫଳରେ ସୋମବାର ପ୍ରବଳ ବର୍ଷା ହେବାରୁ ପାଣି ନିଷ୍କାସନ ହୋଇ ନ ପାରି ଡ୍ରେନ ଓ ବର୍ଷା ପାଣି ରାସ୍ତାରେ ଜମି ରହିଥିଲା। ରାସ୍ତା ଉପରେ ଅଳିଆ ଆବର୍ଜନା, ପଲିଥିନ ଭାସୁଥିବା ଦେଖିବାକୁ ମିଳିଛି। ଏପରିକି ସହରର ତଳି ଅଞ୍ଚଳରେ ବର୍ଷା ଜଳ ଜମା ହୋଇ କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରିଥିଲା। ନୂଆ ବସଷ୍ଟାଣ୍ଡ, ପୁରୁଣା ବସଷ୍ଟାଣ୍ଡ, ନୟାଗଡ ରୋଡ୍ ପେଟ୍ରୋଲ ପମ୍ପ ଛକ, ପଲ୍ଲା ଛକ, ଗୋଡ଼ିପୋଖରୀ ଛକ ସମେତ ଏକାଧିକ ଛକରେ ନିଷ୍କାସନ ହୋଇ ନ ପାରି ବର୍ଷା ପାଣି ଜମି ରହିଛି। ଫଳରେ ଲୋକେ ଡ୍ରେନ ପାଣିରେ ଯାତାୟାତ କରୁଛନ୍ତି। ଅନ୍ୟପଟେ ରାଜ୍ୟରେ ଡେଙ୍ଗୁ ଆକ୍ରାନ୍ତରେ ଖୋର୍ଦ୍ଧା ଜିଲା ହଟସ୍ପଟ ରହିଛି। ଏଭଳି ସ୍ଥିତିରେ ଖୋର୍ଦ୍ଧା ପୌର ପ୍ରଶାସନ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ପରିବର୍ତ୍ତେ ନୀରବଦ୍ରଷ୍ଟା ସାଜିଛି। ମଶାଙ୍କ ପ୍ରାଦୁର୍ଭବ ବଢିବା ସହ ଘରେ ଘରେ ଜ୍ୱର ବ୍ୟାପିଲାଣି। ପ୍ରଶାସନ ପକ୍ଷରୁ ମଶା ଧୂଆଁ କିମ୍ବା ଡ୍ରେନରେ ମଶାମରା ତେଲ ପକାଯାଉନାହିଁ। ଏହା କେବଳ ସରକାରୀ କାଗଜକଲମରେ ସୀମିତ ରହିଛି। ମଶାମରା ଧୂଆଁ କାହିଁକି ସ୍ପ୍ରେ କରାଯାଉନାହିଁ ପଚାରିଲେ, ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସନ୍ତୋଷଜନକ ଉତ୍ତର ମିଳୁନାହିଁ। ପୌର ଉପାଧ୍ୟକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି କହିଛନ୍ତି, ଡ୍ରେନ୍ ସଫା କରାଯାଉଛି। ୱାଟର ଲଗିଙ୍ଗ ଅଞ୍ଚଳକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ଚାଲିଛି।

